୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक
Vol.27. No.68 Bhubaneswar Tuesday April 22 2025 | ୨୭ତମ ବର୍ଷ | ସଂଖ୍ୟା-୬୮ ଭୁବନେଶ୍ୱର, ମଙ୍ଗଳବାର, ଅପ୍ରେଲ ୨୦, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ଭଦ୍ରକ ଖଣ୍ଡତଡ଼ା ପଞ୍ଚାୟତରେ ଚାଞ୍ଚଲ୍ୟ : ୧୦ ଫୁଟ ମାଟି ଖୋଳିଲେ ବାହାରୁଛି କିରୋସିନ୍ ଗନ୍ଧ

ଭୁବନେଶ୍ୱର,୨୧।୪(ପି.ଏନ): ଭଦ୍ରକ ଖଣ୍ଡତଡ଼ା ପଞ୍ଚାୟତରେ ଚାଞ୍ଚଲ୍ୟ । ୧୦ ଫୁଟ ମାଟି ଖୋଳିଲେ ବାହାରୁଛି କିରାସିନର ଗନ୍ଧ । କିରାସିନ ଗନ୍ଧ ବାହାରିବା ସହ ଆଖପାଖ ଅଞ୍ଚଳରେ ଗନ୍ଧ ଖେଳିଯାଇଛି । ଘଟଣା ପ୍ରଘଟ ହେବା ପରେ ଅଞ୍ଚଳରେ ଲୋକଙ୍କ ଭିଡ଼ ଜମୁଛି । ପଞ୍ଚାୟତର ନୂତନ ଗୃହ ନିର୍ମାଣ ପାଇଁ ପିଲାର ପାଇଁ ଗାତ ଖୋଳାଯାଉଥିଲା । ୧୦ ଫୁଟ ଗଭୀରର ପିଲାର ଖୋଳିବା ପରେ ଗାତ ଭିତରୁ ଆସିଥିଲା କିରାସିନର ଉତ୍କଟ ଗନ୍ଧ । ଏପରିକି ଭିତରୁ ଯାହାବି ମାଟି ବାହାରୁଥିଲା ତାହା କିରାସିନ ଗନ୍ଧ କରିବା ସହିତ ତେଲ ଚିକିଟା ମାଟି ବାହାରୁଛି । ଏପରିକି ଭିତରୁ ବାହାରୁଥିବା ପାଣିରୁ ମଧ୍ୟ କିରାସିନ ଗନ୍ଧ ବାହାରୁଛି । ଆଖପାଖ ଅଞ୍ଚଳ କିରାସିନ ଗନ୍ଧ ବାରିହେଉଛି । ଯାହା ଏବେ



ସ୍ଥାନୀୟ ଅଞ୍ଚଳରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି । ଆଖପାଖ ଅଞ୍ଚଳରୁ ଏହାକୁ ଦେଖିବାକୁ ଲୋକଙ୍କ ଧାଡ଼ି ଛୁଟୁଛି । ଯାହାକୁ ନେଇ ମାଟିତଳେ କିରାସିନ ଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଥିବା ବେଳେ ଘଟଣାର ସରକାରୀ ଯାଞ୍ଚ କରିବାକୁ ଦାବି କରିଛନ୍ତି ।

## ‘ରାଜ୍ୟରେ ବିଗିଡିଗଲାଣି ଆଇନଶୃଙ୍ଖଳା ପରିସ୍ଥିତି; ଅପରାଧୀ ଜାଣିଗଲେଣି, ଏ ସରକାର ଦୁର୍ବଳ’

ଭୁବନେଶ୍ୱର,୨୧।୪(ପି.ଏନ): ସାରା ରାଜ୍ୟରେ ମର୍ଡର ମର୍ଡର ମର୍ଡର । ଗଣ୍ଡି ଗୋଟେ ଜାଗାରେ ମୁଣ୍ଡ ଆଉ ଗୋଟେ ଜାଗାରେ । କେଉଁଠି ଜେସିବି ଲଗାଇ ମାରି ଦିଆଯାଉଛି ତ ଆଉ କେଉଁଠି ଗୁଳି କରି ଲୋକଙ୍କୁ ମାରି ଦିଆଯାଉଛି । ମିଡିଆରେ କେବଳ ମର୍ଡର ଖବର ଘୂରି ବୁଲୁଛି । ଏ କଣ ଡବଲ ଇଂଜିନ ସରକାର ବୋଲି ପ୍ରଶ୍ନ କରିଛି ବିଜେଡି । ବିଜେଡି ବିଧାୟକ ଅରୁଣ ସାହୁ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି, ଅପରାଧୀ ଜାଣିଗଲେଣି ଯେ, ଏ



ସରକାର ଦୁର୍ବଳ । ତେଣୁ ଦାନ୍ତହୀନ ଦୁର୍ବଳ ସରକାରକୁ କେହି ଖାତିର କରୁନାହାଁନ୍ତି । ତେଣୁ ସରକାର ଦୟାକରି ଜାନିଯାତ୍ରାରେ ନମାତି ସରକାରୀ କାର୍ଯ୍ୟ କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି । ଏହା ଭିତରେ ୮୦ ଦାଦନ ଶ୍ରମିକଙ୍କ ଶବ ଆସିଲାଣି । ଶିଶୁ ଚୋରି ହେଉଛି । ସରକାର ନାଚ଼ ଗୀତ କରି ପାରିଧିରେ ଅଛନ୍ତି । ମାଆ ମଥାର ସିନ୍ଦୁର ଲିଭିଯାଉ, ଛୁଆ ବାପାକୁ ହରାଉ ସରକାରଙ୍କ ପରବାୟ ନାହିଁ । ତେଣୁ ବିଜେଡି ହାତ ଯୋଡ଼ି ନିବେଦନ କରିଛି ଯେ, ସରକାର ଦାୟିତ୍ୱ ନିର୍ବାହ କରନ୍ତୁ । ଆଇନ ଶୃଙ୍ଖଳା ସମ୍ଭାଳନ୍ତୁ ।

## ଶ୍ରୀମନ୍ଦିରରେ ପୁଣି ପଡିଲା ରକ୍ତଛିଟା, ବଡ଼ସ୍ନାନ କଲେ ମହାପ୍ରଭୁ

ଭୁବନେଶ୍ୱର,୨୧।୪(ପି.ଏନ): ଶ୍ରୀମନ୍ଦିରରେ ହେଲା ବଡ଼ ମହାସ୍ନାନ ନୀତି । ଭିତର କାଠ ନିକଟରେ ରକ୍ତ ପଡିଥିବାରୁ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଧରି ମହାପ୍ରଭୁଙ୍କ ସାଧାରଣ ଦର୍ଶନ ବନ୍ଦ ରହିଥିଲା। ମହାସ୍ନାନ ନୀତି ସରିବା ପରେ ସାଧାରଣ ଦର୍ଶନ ନୀତି ସ୍ୱାଭାବିକ ହୋଇଛି। ଆଜି ସକାଳେ ମଙ୍ଗଳା ଆଳତୀ ପରେ ଅବକାଶ ନୀତି ହୋଇଥିଲା। ଏହି ସମୟରେ ଭିତର କାଠ ନିକଟରେ ରକ୍ତ ଛିଟା ପଡ଼ିଛିବାର ନଜରକୁ ଆସିଥିଲା। ଜଣେ ଡ଼ଫଇଚ ଯବାନଙ୍କ ଗୋଡ଼ରେ କାଚ଼ ପଶିଯିବା ଯୋଗୁଁ ରକ୍ତ ପଡ଼ିଥିଲା। ତେଣୁ କରାଯାଇଥିଲା ମହାସ୍ନାନ। ଏଥିପାଇଁ ୮ ଟା ୧୦ ରୁ ୯ଟା ୧୦ ଯାଏ” ସାଧାରଣ ଦର୍ଶନ ବନ୍ଦ ଥିଲା। ମହାସ୍ନାନ ପରେ ନୀତି ସ୍ୱାଭାବିକ ଭାବେ ଚାଲିଛି।

## ବରିଷ୍ଠ ନେତାମାନଙ୍କୁ ନବୀନ ନିବାସକୁ ଡାକରା

ଭୁବନେଶ୍ୱର,୨୧।୪(ପି.ଏନ): ନବୀନ ନିବାସକୁ ବରିଷ୍ଠ ନେତାମାନଙ୍କୁ ଡକାଯାଇଛି। ଏଠାରେ ସଭାପତିଙ୍କ ଅଧ୍ୟକ୍ଷତାରେ ବସିବ ବୈଠକ। ସୂଚ଼ନାନୁଯାୟୀ, ପ୍ରଣବ ପ୍ରକାଶ ଦାସ, ଦେବୀ ମିଶ୍ର, ଅତନୁ ସବ୍ୟସାଚ଼ୀ ନାୟକ ଉପସ୍ଥିତ ଅଛନ୍ତି।ଏଥିସହ ପ୍ରତାପ ଦେବ ଓ ଅରୁଣ ସାହୁ, ସଞ୍ଜୟ ଦାସବର୍ମା ମଧ୍ୟ ସେଠାରେ ଉପସ୍ଥିତ ଅଛନ୍ତି। ଦୁଇ ଦିନ ତଳେ ନବୀନ ପଟ୍ଟନାୟକ ସଭାପତି ଭାବେ ନିର୍ବାଚ଼ିତ ହୋଇଛନ୍ତି। ଏହାପରେ ଏହି ବୈଠକକୁ ନେଇ ଅନେକ ଚ଼ର୍ଚ୍ଚା ଆଲୋଚ଼ନା ଜାରି ରହିଛି। ଏହି ଆଲୋଚ଼ନା ଏଥିପାଇଁ ହେଉଛି, କାରଣ ଯେଉଁଦିନ ଏହି ନିର୍ବାଚ଼ନ ହେଲା, ରାଜ୍ୟ କାର୍ଯ୍ୟକାରିଣୀ ଘୋଷଣା ହେବା କଥା।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ‘ପର୍ଯ୍ୟବେକ୍ଷକ’ ୨୧ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ

## ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ହତାଶ ହେଲେ ଅଭିଯୋଗକାରୀ !

ଭୁବନେଶ୍ୱର,୨୧।୪(ପି.ଏନ): ପ୍ରହସନ ପାଲଟିଛି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି । ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ହତାଶ ହୋଇ ଦୁଃଖରେ ଫେରିଯାଇଛନ୍ତି ଅଭିଯୋଗକାରୀ । ଭୁବନେଶ୍ୱର ଛାଡ଼ି ସମ୍ବଲପୁରରେ ପ୍ରଥମଥର ପାଇଁ ଜନ ଅଭିଯୋଗ ଶୁଣିବାକୁ ଆସିଥିଲେ ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀଙ୍କ ସହିତ ୧୧ ଜଣ ମନ୍ତ୍ରୀ ଓ ୧୩ ଜଣ ସଚ଼ିବ ମଧ୍ୟ ଆସିଥିଲେ । ତେଣୁ ଲୋକଙ୍କ ଆଶାଥିଲା ଯେଉଁ ଅଭିଯୋଗ ଭୁବନେଶ୍ୱର ଯାଇ କରିପାରୁନଥିଲେ, ସେମାନେ ଏଠାରେ କରିବେ । କିନ୍ତୁ ଜନ ଅଭିଯୋଗ ଶୁଣାଣିରେ ମୁଖ୍ୟମନ୍ତ୍ରୀ କଥା ଶୁଣିଲେନାହିଁ । ଏଠାରେ କାମ ହୋଇପାରିବ ନାହିଁ, ଭୁବନେଶ୍ୱର ଆସନ୍ତୁ ବୋଲି ଅଭିଯୋଗକାରୀଙ୍କୁ କହି ଫେରାଇଦେଲେ ଅଧିକାରୀ । ତେବେ ଭୁବନେଶ୍ୱରରେ ଯଦି ଅଭିଯୋଗ ଶୁଣିବାର ଥିଲା, ତେବେ ସମ୍ବଲପୁରରେ କାହିଁକି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ବୋଲି ପ୍ରଶ୍ନ କରିଛନ୍ତି ଅଭିଯୋଗକାରୀ । ଅନ୍ୟପଟେ ଅନେକ ଅଭିଯୋଗକାରୀ କହିଛନ୍ତି ଯେ ତାଙ୍କର ଅଭିଯୋଗକୁ ଜିଲ୍ଲାପାଳଙ୍କ ନିକଟକୁ ପଠାଇ ଦିଆଯାଉଛି । ସବୁଠାରୁ ବଡ଼ କଥା ହେଲା ଯଦି ସରକାର ଏଭଳି ଲୋକଙ୍କୁ ଭୁଆଁ ବୁଲାଇବେ, ତାହେଲେ ଲୋକେ ବିଶ୍ୱାସ କରିବେ ତ ? ଶେଷରେ ଅଭିଯୋଗର ଶୁଣାଣି ହୋଇପାରିନଥିବାରୁ ହତାଶ ହୋଇ ଘରକୁ ଫେରିଛନ୍ତି ଅନେକ ଅଭିଯୋଗକାରୀ ।

## ନାହିଁ ନାହିଁରେ ଚ଼ାଲିଛି ସ୍ୱାସ୍ଥ୍ୟସେବା : ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜରେ ଖାଲି ପଡ଼ିଛି ଡାକ୍ତର ପଦବୀ

ଭୁବନେଶ୍ୱର,୨୧।୪(ପି.ଏନ): ସ୍ୱାସ୍ଥ୍ୟ ସେବା ଦେଇପାରୁନି ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ । ରେଫେରେଲ୍ ମେଡ଼ିକାଲ ପାଲଟିଛି ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ ଓ ହସପିଟାଲ । ଡାକ୍ତର ନଥିବାରୁ ନାହିଁ ନାହିଁ ଚ଼ାଲିଛି ସ୍ୱାସ୍ଥ୍ୟସେବା । ଏଥିପାଇଁ ରୋଗୀ ଓ ତାଙ୍କ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରୁଥିବେଳେ ବାଧ୍ୟହୋଇ ଲୋକେ ଆନ୍ଧ୍ର ମେଡିକାଲ ଉପରେ ନିର୍ଭର କରୁଛନ୍ତି ।ନାହିଁ ନାହିଁରେ ଚ଼ାଲିଛି ସ୍ୱାସ୍ଥ୍ୟସେବା । ନାହାନ୍ତି ଡାକ୍ତର, ହନ୍ତସନ୍ତ ଗୁରୁତର ରୋଗୀ । ଆନ୍ଧ୍ର ହସପିଟାଲ ଉପରେ ନିର୍ଭର କରୁଛନ୍ତି ରୋଗୀ । କୋରାପୁଟ ଜିଲ୍ଲାର ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ହସପିଟାଲ । ଏଠାରେ ୯୫ଟି ଡାକ୍ତର ପଦବୀ ଖାଲି ପଡିଛି । ମେଡିକାଲ କଲେଜରେ ପିଜି ପାଠ୍ୟକ୍ରମ ଆଜି ଯାଏଁ ଆରମ୍ଭ ହୋଇପାରିଲା ନାହିଁ । ମାତ୍ର ୬ଟି



ଆଇସିୟୁରେ ଚ଼ାଲିଛି ମେଡିକାଲ କଲେଜ । ସିଟି ସ୍କାନ ସୁବିଧା ମଧ୍ୟ ନାହିଁ । ଡାକ୍ତର ନଥିବାରୁ ଅନ୍ୟ ହସପିଟାଲକୁ ରେଫର ହେଉଛନ୍ତି ରୋଗୀ ।ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବାକୁ ପୂର୍ବ ସରକାରଙ୍କ ସମୟରେ କରାଯାଇଥିଲା ଯୋଜନା । ହେଲେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ଦେଖାଦେଇଛି ଡବଲ ସମସ୍ୟା । ସ୍ୱାସ୍ଥ୍ୟସେବା ନ ମିଳିବାରୁ ଆନ୍ଧ୍ର ହସପିଟାଲ ମୁହାଁ ହେଉଛନ୍ତି ରୋଗୀ । ଯାହାକୁ ନେଇ ଜିଲ୍ଲାରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି । ସ୍ଥିତି ସୁଧାରିବାକୁ ଜିଲ୍ଲାର ସମସ୍ତ ବିଧାୟକ ସମେତ ଜିଲ୍ଲା ପ୍ରଶାସନ ଓ ମେଡିକାଲ କଲେଜର ଡାକ୍ତର ଏକ ବୈଠକ କରି ନିଷ୍ପତ୍ତି ନେବାକୁ କହିଛନ୍ତି ବିଧାୟକ । ସେପଟେ ଡିଏମଏଫ ଫଣ୍ଡରେ ବିଭିନ୍ନ ଡାକ୍ତର ପଦବି ପୂରଣ ପାଇଁ ପ୍ରୟାସ କରାଯାଉଛି ଏନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି କୋରାପୁଟ ଜିଲ୍ଲାପାଳ । ଆବଶ୍ୟକ ବ୍ୟବସ୍ଥା ନଥିବାରୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବେ ରେଫରାଲ ହସପିଟାଲରେ ପରିଣତ ହୋଇଥିବା ଅଭିଯୋଗ କରିଛନ୍ତି ରୋଗୀ।

## ଗାଁ ଶ୍ମଶାନରେ ହେଲା ଆଶୀର୍ବାଦର ଅନ୍ତିମ ସଂସ୍କାର

ଭୁବନେଶ୍ୱର,୨୧।୪(ପି.ଏନ): ଗାଁ ଶ୍ମଶାନରେ ଆଶୀର୍ବାଦର ଅନ୍ତିମ ସଂସ୍କାର କରାଯାଇଛି। ପୋଷ୍ଟମୋର୍ଟମ ପରେ ଆମ୍ବୁଲାନସରେ ମୃତଦେହକୁ ଗାଁକୁ ନେଇଥିଲା ପୋଲିସ ଓ ସ୍ଥାନୀୟ ପ୍ରଶାସନ। ହଜାର ହଜାର ଲୋକ ଶୋଭାଯାତ୍ରାରେ ନେଇ ଗାଁ ପରିକ୍ରମା କରିବା ପରେ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କଲେ। ଶୋଭାଯାତ୍ରା ବେଳେ ଉତ୍ତ୍ୟକ୍ତ ଲୋକଙ୍କ ସ୍ଲୋଗାନ ଥିଲା ଅଭିଯୁକ୍ତକୁ ଫାଶୀ ଦିଅ। ଏହି ଘଟଣାକୁ ନେଇ ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ଫୋର୍ସ ମଧ୍ୟ ମୁତୟନ କରାଯାଇଥିଲା। ଏକ ଶୋକାକୂଳ ପରିବେଶ ମଧ୍ୟରେ ଆଶୀର୍ବାଦକୁ ଅନ୍ତିମ ବିଦାୟ ଦିଆଯାଇଥିଲା ।ଏହି ଅବସରରେ ପରିବାରକୁ ଆର୍ଥିକ କ୍ଷତିପୂରଣ ସହ ଗାଁରୁ



ନିଶା କାରବାରକୁ କଠୋର ହସ୍ତରେ ଦମନ କରିବାକୁ ଗାଁ ଲୋକେ ଦାବି କରି ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏଥିସହିତ ଅଭିଯୁକ୍ତ ବାପି ସାହୁ ଆଶୀର୍ବାଦ ସହ ଅପ୍ରାକୃତିକ ଯୌନ ସଂପର୍କ ରଖିବା ପରେ ତାଙ୍କୁ ହତ୍ୟା କରିଛି ବୋଲି ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଡେଲାଙ୍ଗ ଓକିଲ ସଂଘ ମଧ୍ୟ ବାପି ପକ୍ଷରୁ କେସ ଲଢିବେ ନାହିଁ ବୋଲି ନିଷ୍ପତ୍ତି ନେଇଛି।

## ସାମ୍ବାଦିକ ସୁରକ୍ଷା ଓ ପେନସନ ପ୍ରଦାନ ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ସମ୍ବଲପୁର,୨୧।୪(ପି.ଏନ): ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ସହ ସାମ୍ବାଦିକଙ୍କ ସାମାଜିକ ନିରାପତ୍ତା ଏବଂ ୬୦ ବର୍ଷ ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଙ୍କୁ ପେନସନ ପ୍ରଦାନ ନେଇ ସାମ୍ବାଦିକ ଙ୍କ ଏକ ପ୍ରତିନିଧି ମଣ୍ଡଳୀ ଆଜି ମୁଖ୍ୟମନ୍ତ୍ରୀ ଙ୍କ ନିକଟରେ ଦୃଢ଼ ଦାବି ରଖିଛନ୍ତି ଓ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଙ୍କ ସମ୍ବଲପୁର ଠାରେ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଥିଲା ଓ ସାମ୍ବାଦିକ ଙ୍କ ଏକ ପ୍ରତିନିଧି ମଣ୍ଡଳୀ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଙ୍କୁ ଭେଟି ଏହି ସମ୍ପର୍କରେ ଏକ ଦାବି




ପତ୍ର ପ୍ରଦାନ କରିଥିଲେ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରତିନିଧି ମଣ୍ଡଳୀ ଙ୍କ ସହ ବିଭିନ୍ନ ପ୍ରସଂଗ ରେ ଆଲୋଚ଼ନା କରିବା ସହ ଦାବି ଗୁଡ଼ିକ ନେଇ ପର୍ଯ୍ୟାଲୋଚ଼ନା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

## ସମ୍ବଲପୁରରେ ଲୋକଙ୍କ ଦୁଃଖ ଶୁଣିଲେ ଲୋକଙ୍କ ସରକାର

ସମ୍ବଲପୁର,୨୧।୪(ପି.ଏନ): ସମୟ ଥିଲା ସକାଳ ୮ ଟା। ଲୋକାରଣ୍ୟ ହୋଇ ଉଠିଥିଲା ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ପରିସର ।
କାରଣ ଲୋକଙ୍କ ମୁଖ୍ୟମନ୍ତ୍ରୀ ଆସିଛନ୍ତି ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିବା ପାଇଁ । କେବଳ ମୁଖ୍ୟମନ୍ତ୍ରୀ ନୁହନ୍ତି ତାଙ୍କ ସହିତ ଥିଲେ ସହଯୋଗୀ ୧୦ ଜଣ ମନ୍ତ୍ରୀ ଓ ରାଜ୍ୟ ପ୍ରଶାସନର ବିଭିନ୍ନ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ, ପ୍ରମୁଖ ଶାସନ ସଚ଼ିବ ଓ ସଚ଼ିବ ସ୍ତରୀୟ ଅଧିକାରୀଗଣ । ସମ୍ପୂର୍ଣ୍ଣ ରାଜ୍ୟ ପ୍ରଶାସନ ସ୍ଥାନାନ୍ତରିତ ହୋଇଥିଲା ସମ୍ବଲପୁରକୁ ।ଲୋକଙ୍କ ଅଭିଯୋଗ ଶୁଣି ଏହାର ସମାଧାନ କରିବାକୁ । ଆଜିଥିଲା ଅଭିଯୋଗ ଶୁଣାଣିର ୧୦ମ ପାଳି। ଏହା ଥିଲା ଅନ୍ୟ ନଅ’ଟି ପାଳି ଠାରୁ ଭିନ୍ନ, କାରଣ ସରକାରଙ୍କ ପାଖକୁ ଲୋକ ଆସି ନାହାନ୍ତି, ସରକାର ଆସିଛନ୍ତି ଲୋକଙ୍କ ଅଭିଯୋଗ ଶୁଣିବାକୁ।ଗତ କାଲି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟଗଣ ସମ୍ବଲପୁରରେ ପହଞ୍ଚି ମା’ ସମଲେଶ୍ୱରୀଙ୍କ ଦର୍ଶନ କରି ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ସମ୍ବଲପୁରରେ ଏ ଜନ ଶୁଣାଣି କାର୍ଯ୍ୟକ୍ରମ ସମସ୍ତଙ୍କ ପାଇଁ ଶୁଭଙ୍କର । ସରକାରଙ୍କ ପାଇଁ, ଲୋକଙ୍କ ପାଇଁ, ଓଡ଼ିଶା ରାଜ୍ୟ ପାଇଁ ଓ ସର୍ବୋପରି ଗଣତନ୍ତ୍ର ପାଇଁ ଏକ ସକରାତ୍ମକ ବାର୍ତ୍ତା ଦେଉଛି ।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଆମର ଏହି ଜନ ଶୁଣାଣି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନ ଆମକୁ ଲୋକଙ୍କ ଆହୁରି ନିକଟତର ହେବାକୁ ପ୍ରେରଣା ଦେଇଛି ବୋଲି ସେ କହିଛନ୍ତି ।ସେ ପୁଣି କହିଥିଲେ ଯେ, ଆମର ଉଦ୍ଦେଶ୍ୟ ହେଉଛି ରାଜ୍ୟର ବୃହତ୍ତର ବିକାଶର ଲକ୍ଷ୍ୟ ପୂରଣ ଭିତରେ ଗରିବ, ଅସହାୟ ଲୋକଙ୍କ ଦୁଃଖକୁ ଆମେ ଯେପରି ନଜର ଅନ୍ଦାଜ୍ ନ କରୁ। ସେମାନେ ଯେପରି ଅନୁଭବ ନ କରନ୍ତି ଯେ, ସେମାନଙ୍କ ଦୁଃଖ ଶୁଣିବା ପାଇଁ କେହି ନାହାନ୍ତି। ପୂର୍ବ ସରକାର ଏଥିପ୍ରତି ଉଦାସୀନ ମନୋଭାବ ପୋଷଣ କରୁଥିଲେ। ଆମେ କିନ୍ତୁ, ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜନ ଶୁଣାଣି କରିବା ପାଇଁ ନିଷ୍ପତ୍ତି ନେଇଛୁ। ଆଜି ସମ୍ବଲପୁରରେ ହେଲା, ଆଗାମୀ ଦିନରେ ରାଜ୍ୟର ଅନ୍ୟ ସ୍ଥାନରେ ହେବ ।ସେ ଆହୁରି କହିଥିଲେ ଯେ, ଏହି କ୍ଷେତ୍ରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଦ୍ୱାରା ଅଧିକାରୀ ମାନେ ସେମାନଙ୍କ ସ୍ତରରେ ହିଁ, ଯେତେଦୂର ସମ୍ଭବ, ଲୋକଙ୍କ ସମସ୍ୟା ସମାଧାନ କରିବାକୁ ତତ୍ପର ହେବେ। ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ଦିଗରେ ଅଧିକ ସଚେତନ ହେବେ ବୋଲି ସେ କହିଛନ୍ତି। ସମସ୍ତ ଅଭିଯୋଗର ଶୀଘ୍ର ସମାଧାନ ପାଇଁ ଅଧିକାରୀ ମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆ ଯାଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।ପୂର୍ବ ଜନଶୁଣାଣି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚ଼ନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଗରୁ ଭୁବନେଶ୍ୱରରେ ଆମର ନଅ’ଟି ଜନ ଶୁଣାଣି ହୋଇଛି। ପୂର୍ବ ନଅ’ଟି ପାଳିରେ ୯,୩୭୭ ଲୋକଙ୍କ ଅଭିଯୋଗ ଗ୍ରହଣ କରିଛୁ ଏବଂ ପ୍ରାୟ ୮୮ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି। ଅବଶିଷ୍ଟ ଗୁଡିକ ପ୍ରକ୍ରିୟା ଭିତରେ ଅଛି । ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ୧୦ମ ପାଳି। ଏହି ପାଳିରେ ପ୍ରାୟ ୧୦୦୦ ଜଣ ଅନଲାଇନ ଜରିଆରେ ପଂଜିକୃତ ଓ ଅଫଲାଇନରେ ପ୍ରାୟ ୪୦୦ ଲୋକଙ୍କ ଅଭିଯୋଗ ଗ୍ରହଣ କରାଯାଇଛି । ସିଙ୍ଗିଲ୍ ଓ୍ୱିଣ୍ଡୋ ସିଷ୍ଟମରେ ଅସାଧ୍ୟ ଓ ଦୂରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ସହାୟତା ଯୋଗାଇ ଦିଆଯାଉଛି। ଆଜି ଏହି ସିଷ୍ଟମରେ ଚ଼ିକିତ୍ସା ଖର୍ଚ୍ଚ ପାଇଁ ୧୮ ଜଣଙ୍କୁ ୧୯ ଲକ୍ଷ ୫୦ ହଜାର ଟଙ୍କାର ଚ଼ିକିତ୍ସା ସହାୟତା ପ୍ରଦାନ କରାଯାଇଛି ।ଏହି ତତ୍ ?କାଳ ସହାୟତା ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅଭିଯୋଗ ପ୍ରକୋଷ୍ଠରେ ଡାକ୍ତରୀ ଦଳ ମଧ୍ୟ ନିୟୋଜିତ ଥିଲେ ।
କେବଳ ଚ଼ିକିତ୍ସା ସହାୟତା ନୁହେଁ, ଅନ୍ୟାନ୍ୟ ବିଭିନ୍ନ ସମସ୍ୟା ନେଇ ଅଭିଯୋଗକାରୀମାନେ ଆସିଥିଲେ । ସମସ୍ତଙ୍କ ଅଭିଯୋଗ ଗୁଡ଼ିକୁ ଗୁରୁତ୍ୱର ସହ ଶୁଣି ଆବଶ୍ୟକ ସ୍ଥଳେ ଟେଲିଫୋନ୍ ଜରିଆରେ ମନ୍ତ୍ରୀମଣ୍ଡଳର ସଦସ୍ୟ ଓ ଉପସ୍ଥିତ ବରିଷ୍ଠ ସଚ଼ିବ ସ୍ତରୀୟ ଅଧିକାରୀମାନେ ସମ୍ପୃକ୍ତ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଉଥିଲେ । ସେହିପରି ବରଗଡ଼ ଜିଲ୍ଲା ଡୁଙ୍ଗୁରିବାହାଲ ର କିଛି ବାସିନ୍ଦା ଆସିଥିଲେ ଡୁଙ୍ଗୁରିବାହାଲ ଜଳସେଚ଼ନ ପ୍ରକଳ୍ପରୁ ଜଳସେଚ଼ନ ସୁବିଧା କରାଇବା ପାଇଁ । ମୁଖ୍ୟମନ୍ତ୍ରୀ ତୁରନ୍ତ ଜଳସମ୍ପଦ ବିଭାଗର ସର୍ବୋଚ୍ଚ଼ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏହାର ସମାଧାନ ପାଇଁ । ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚ଼ାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହ ଓ ନଗରଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚ଼ନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଇଂ ଗଣେଶ ରାମ ସିଂ ଖୁଣ୍ଟିଆ, ପଞ୍ଚାୟତିରାଜ ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚ଼ନ୍ଦ୍ର ପାତ୍ର, ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚ଼ନ୍ଦ୍ର ସ୍ୱାଇଁ, ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ବିଭୁତି ଭୂଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚ଼ଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ, ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ ।ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ ଶ୍ରୀ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ ଶ୍ରୀ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚ଼ାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ ଶ୍ରୀ ଦେଓ ରଞ୍ଜନ କୁମାର ସିଂହ, ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚ଼ିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟ ପରିଚ଼ାଳନା କରିଥିଲେ ।

## ଡବଲ ଇଞ୍ଜିନ ସରକାରରେ ଘୋଷଣା ବେଶୀ, ମିଳୁଛି କମ୍

ଭୁବନେଶ୍ୱର,୨୧।୪(ପି.ଏନ): ଡବଲ ଇଞ୍ଜିନ ସରକାରରେ କେନ୍ଦ୍ରଠାରୁ ଅଧିକ ଅର୍ଥ ଆସିବ କଣ ରାଜ୍ୟକୁ ମିଳୁଛି କମ୍ ଆବଣ୍ଟନ ଓ ଅନୁଦାନ । ୨୦୨୪-୨୫ ଆର୍ଥିକ ବର୍ଷର ଜାନୁଆରୀ ମାସରେ କେନ୍ଦ୍ର ଅନୁଦାନ ୧୭ ପ୍ରତିଶତ କମ୍ ମିଳିଛି । ଖୋଦ ଅର୍ଥ ବିଭାଗର ତଥ୍ୟ କହୁଛି, ପୂର୍ବ ନବୀନ ସରକାର ସମୟରେ ଯାହା ମିଳିଥିଲା ତାଠୁ କମ୍ ମିଳିଛି । ରାଜ୍ୟ ଆୟ କମୁଛି । ଋଣଭାର ବଢୁଛି । ସେପଟେ କେନ୍ଦ୍ର ଦେଉଛି କମ୍ । ଏହାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ପୂର୍ବତନ ଅର୍ଥମନ୍ତ୍ରୀ ଓ ଆର୍ଥିକ ବିଶେଷଜ୍ଞ । ଅଭିଯୋଗ କରିଛନ୍ତି ଏପରି ଚ଼ାଲିଲେ ଓଡ଼ିଶା ପୁଣି ଥରେ ଆର୍ଥିକ ଦୁଃସ୍ଥିତି ଆଡ଼କୁ ଚ଼ାଲିଯିବ ।କ୍ଷମତା ବଦଳିଲା ହେଲେ ବଦଳିଲାନି କେନ୍ଦ୍ରର ଆଭିମୁଖ୍ୟ । କମିବାରେ ଲାଗିଛି କେନ୍ଦ୍ରୀୟ ଅନୁଦାନ । ବିଜେଡି ଅମଳ ଅପେକ୍ଷା ଡବଲ ଇଞ୍ଜିନରେ ଅଧିକ ନିରାଶା ।.. ..ବିଜେପିର ଦାବିଥିଲା ରାଜ୍ୟରେ ଡବଲ ଇଞ୍ଜିନ ସରକାର ହେଲେ କେନ୍ଦ୍ରଠାରୁ ଅଧିକ ଅର୍ଥ ଆସିବ । କିନ୍ତୁ ୨୦୨୪-୨୫ ଆର୍ଥିକ ବର୍ଷର ହିସାବ ଅଲଗା କାହାଣୀ ବଖାଣୁଛି । ଅଙ୍କ ସବୁ ଗଡ଼ବଡ଼ । ଖୋଦ ଅର୍ଥ ବିଭାଗ ଉପଲବ୍ଧ କରିଥିବା ଆୟ ତାଲିକାରୁ ଜଣାପଡ଼ିଛି, ଗତ ଆର୍ଥିକ ବର୍ଷରେ କେନ୍ଦ୍ର ଅନୁଦାନ ବାବଦରେ ବଜେଟ୍ ଅର୍ଥଠାରୁ କମ ମିଳିଛି । ୨୦୨୪-୨୫ ବର୍ଷରେ କେନ୍ଦ୍ର ଅନୁଦାନ ବାବଦରେ ରାଜ୍ୟକୁ ମିଳିବା କଥା ୩୭ ହଜାର ୭୬୮ କୋଟି ୨୪ ଲକ୍ଷ ଟଙ୍କା । ହେଲେ ଗତ ଜାନୁଆରୀ ସୁଦ୍ଧା ମିଳିଛି ମାତ୍ର ୧୨ ହଜାର ୯୯୮ କୋଟି ୯ ଲକ୍ଷ ଟଙ୍କା । ଯାହାକି ୧୬.୯୧ ପ୍ରତିଶତ କମ୍ । ଅଥଚ଼ ସମାନ ସମୟରେ ପୂର୍ବବର୍ଷ ନବୀନ ସରକାରଙ୍କ ସମୟରେ ଆସିଥିଲା ଅଧିକ ଅର୍ଥ । ୨୦୨୩-୨୪ ଆର୍ଥିକ ବର୍ଷ ୩୨ ହଜାର ୭୪୮ କୋଟି ୮୨ ଲକ୍ଷରୁ ମିଳିଥିଲା ୧୫ ହଜାର ୬୪୩ କୋଟି ୬୮ ଲକ୍ଷ ଟଙ୍କା । ପୂର୍ବତନ ମୁଖ୍ୟମନ୍ତ୍ରୀ ସିଙ୍ଗଲ ଇଞ୍ଜିନ ହୋଇ କେନ୍ଦ୍ରଠାରୁ ଅଧିକ ଅର୍ଥ ଟାଣିପାରୁଥିଲେ । ଏବେ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଡବଲ ଇଞ୍ଜିନ ହୋଇ ଅର୍ଥ କାହିଁକି ଆସୁନି ବୋଲି ପ୍ରଶ୍ନ ଉଠାଇଛନ୍ତି ପୂର୍ବତନ ଅର୍ଥମନ୍ତ୍ରୀ । ଅଭିଯୋଗ କରିଛନ୍ତି ଗୋଟିଏ ପଟେ ରାଜ୍ୟର ରାଜସ୍ୱ ଆୟ କମୁଛି । ଋଣଭାର ବଢୁଛି । ବୋଝ ଉପରେ ନଳିତା ବିଡ଼ା ଭଳି ବିଭିନ୍ନ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରିବାକୁ ରାଜ୍ୟ ଉପରେ ଅର୍ଥ ବୋଝ ଲଦାଚ଼ାଲିଛି । ଏପରି ଜାରି ରହିଲେ ରାଜ୍ୟ ପୁଣି ଥରେ ନିଅଣ୍ଟିଆ ସ୍ଥିତିକୁ ଚ଼ାଲିଯିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି । ରାଜ୍ୟରେ ବିଜେପି ସରକାର ଆସିବା ପରଠୁ ବଜେଟ୍ ଆକାର ବଢୁଛି । ହେଲେ ବିଭିନ୍ନ ବିଭାଗ ପାଇଁ ବଜେଟ୍ ଅର୍ଥ ଖର୍ଚ୍ଚ ହୋଇପାରିନି । ଓଡ଼ିଶାଠାରୁ ଛୋଟ ରାଜ୍ୟମାନେ କମ୍ ପରିମାଣର ବାର୍ଷିକ ବଜେଟ୍ କରି ରାଜ୍ୟ ଘରୋଇ ଉତ୍ପାଦ ଅଧିକ ଲକ୍ଷ୍ୟ ରଖୁଛନ୍ତି । କିନ୍ତୁ ଖଣିଜ ସମ୍ପଦ ଭରା ରାଜ୍ୟ ହୋଇ ରାଜ୍ୟ ଘରୋଇ ଉତ୍ପାଦ ଲକ୍ଷ୍ୟ କମ ରଖିଛି । ପୂର୍ବ ସରକାରଙ୍କ ସମୟରେ ହୋଇଥିବା ଭିତ୍ତିଭୂମି ବିକାଶର ସୁଫଳ ଏବର ସରକାର ଅମଳ କରୁଛନ୍ତି । ୧୦ ମାସର ସରକାରରେ ରାଜ୍ୟର ଋଣବୋଝ ଯେତିକି ବଢିଲାଣି ବିଗତ ସରକାରରେ ଏତେ ପରିମାଣର ହୋଇନଥିଲା । ୨୦୩୬ ବେଳକୁ ଓଡ଼ିଶା ହେବ ୫୦୦ ବିଲିୟନ ଡଲାର ଅର୍ଥନୀତି । କିନ୍ତୁ ରାଜସ୍ୱ ଆୟର ଗତି ଯଦି ଏପରି ମନ୍ଥର ରହିବ ତାହେଲେ ଏହି ଲକ୍ଷ୍ୟ ହାସଲ କେବଳ ସ୍ଲୋଗାନ୍ ହୋଇ ରହିଯିବ ।

## ବଢୁଛି ତାତିର ପ୍ରକୋପ, ଝାରସୁଗୁଡା ସବୁଠାରୁ ଉତ୍ତପ୍ତ

ଭୁବନେଶ୍ୱର,୨୧।୪(ପି.ଏନ): ତତଲା କଢେଇରେ ଭାଜି ହେଉଛି ପଶ୍ଚିମ ଓଡ଼ିଶା। ୪୪ ଡିଗ୍ରୀ ପାର କଲା ଝାରସୁଗୁଡା ସହର। ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ୪୪.୮ ଡିଗ୍ରୀ ରେକର୍ଡ ହୋଇଛି। ସବୁଠାରୁ ତତଲା ସହର ପାଲଟିଛି ଝାରସୁଗୁଡ଼ା। ଅପରାହ୍ନ ସାଢେ ୨ଟାରେ ଏହି ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ପଶ୍ଚିମ ଓଡ଼ିଶାର ଅନ୍ୟ ସହରରେ ମଧ୍ୟ ତାପମାତ୍ରା ବୃଦ୍ଧି ପାଇଛି। ସମ୍ବଲପୁରରେ ଦ୍ୱିତୀୟ ସର୍ବାଧିକ ୪୨.୬ ଡିଗ୍ରୀ, ହୀରାକୁଦ ୪୧.୮, ରାଉରକେଲା ୪୧.୨ ଡିଗ୍ରୀ ରେକର୍ଡ ହୋଇଛି। ତେବେ ଉପକୂଳରେ



ତାପମାତ୍ରା ଆଭ୍ୟନ୍ତରୀଣ ତୁଳନାରେ ସାମାନ୍ୟ କମ ରହିଛି। କେନ୍ଦୁଝରରେ ୩୭.୮, ଚ଼ାନ୍ଦବାଲି ୩୭.୬, ବାଲେଶ୍ୱର ୩୬.୨ ଓ ରାଜଧାନୀ ଭୁବନେଶ୍ୱରରେ ୩୫.୨ ଡିଗ୍ରୀ ରେକର୍ଡ ହୋଇଛି।










# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ

ଆମେରିକାର ପେନ୍‌ସିଲଭେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ



କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡେ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା

ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର



ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥରୁମ୍ ଭିତରେ ପଶିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡ଼ୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# କେନ୍ଦ୍ରାପଡ଼ାର ରାଜନୀତିକ ଦୃଶ୍ୟ !

ସାମ୍ପ୍ରତିକ ରାଜନୀତିରେ ନେତାଙ୍କୁ ଚିହ୍ନିବା ସହଜ ନୁହେଁ। ସାଧାରଣତଃ ତୃଣମୂଳ ସ୍ତରରେ ଲୋକଙ୍କ ସେବା କରି, ଲୋକଙ୍କ ସୁଖ-ଦୁଃଖରେ ଏକାକାର ହୋଇ ନେତା ପାଲଟି ଥିବା ବ୍ୟକ୍ତି ହିଁ ବାସ୍ତବ କ୍ଷେତ୍ରରେ ଲୋକପ୍ରତିନିଧି ହେବାକୁ ଯୋଗ୍ୟ ହୋଇ ଥାଏ। ଲୋକେ ରାଜନେତାଙ୍କ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ନେତାଙ୍କ ମିଥ୍ୟା ପ୍ରତିଶ୍ରୁତି ଓ କପୋଳକଳ୍ପିତ କଥାରେ ସାଧାରଣ ଲୋକଙ୍କ ସମର୍ଥନ ମିଳେନାହିଁ। ବିକାଶମୂଳକ କାର୍ଯ୍ୟ ଏବଂ ସାଧାରଣ ଲୋକ ମାନଙ୍କର ମଙ୍ଗଳ ପାଇଁ ନିଷ୍ପାପର କାର୍ଯ୍ୟ କରି ଚାଲିଲେ, ଯିଏ କେହି ଲୋକଙ୍କ ବିଶ୍ୱାସଭାଜନ ହୋଇଥାଏ। ସାଧାରଣତଃ କୁହାଯାଇଥାଏ, ଭାରତୀୟ ଗଣତନ୍ତ୍ରର ମନ୍ଦିର ଗୁଡ଼ିକୁ ଆମେ ଗଣତାନ୍ତ୍ରିକ ସଂସ୍କାର ଥିବା ଓ ସଂସଦ ବା ବିଧାନସଭାରେ ଲୋକଙ୍କ ଆଶା-ଆକାଂକ୍ଷା, ସୁଖ-ଦୁଃଖ ଏବଂ ଦୃଷ୍ଟିକୋଣକୁ ଗଣତାନ୍ତ୍ରିକ ଢ଼ଙ୍ଗରେ ଉପସ୍ଥାପିତ କରିପାରୁଥିବା ବ୍ୟକ୍ତିମାନଙ୍କୁ ନିର୍ବାଚିତ କରି ପଠାଇବା ଉଚିତ। କାରଣ ସେମାନେ ଆମର ପ୍ରତିନିଧି, ପ୍ରବକ୍ତା ଓ ସୁଖ-ଦୁଃଖର ସାଥୀ ମଧ୍ୟ। ଯେତେବେଳେ ସୁଯୋଗ୍ୟ ନେତାମାନେ ସଂସଦ ବା ବିଧାନସଭାକୁ ନିର୍ବାଚିତ ହୁଅନ୍ତି, ସେତେବେଳେ ସଂପୃକ୍ତ ଅଂଚଳ ତଥା ସାଧାରଣ ଲୋକଙ୍କ ଉନ୍ନତି ହେବା ସହ ସେହି ନେତା ନିଜ ନିର୍ବାଚନ କ୍ଷେତ୍ରରେ ଅପରାଜେୟ ହୋଇଯାଆନ୍ତି। ସମସ୍ତ ରେକର୍ଡ଼ ଭାଙ୍ଗି ରାଜ୍ୟ ଓ ଦେଶରେ ଇତିହାସ ସୃଷ୍ଟି କରନ୍ତି ! ଚିରଦିନ ପାଇଁ ଲୋକମାନଙ୍କ ମନରେ ସେମାନେ ସ୍ମରଣୀୟ ହୋଇ ରହନ୍ତି। ସେହିଭଳି ଜଣେ ନେତା ହେଲେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରର ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା। ଆମେରିକାରେ ପାଠପଢା ଶେଷ ପରେ ବୈଜୟନ୍ତବାବୁ ଶିଳ୍ପ କ୍ଷେତ୍ରରେ ନିଜର କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଧୀରେଧୀରେ ସେ ରାଜନୀତି ପ୍ରତି ଆକୃଷ୍ଟ ହୋଇଥିଲେ। ବୈଜୟନ୍ତବାବୁ ଜଣେ ପ୍ରଗତିଶୀଳ ମଣିଷ ଭାବେ ବିଭିନ୍ନ ସାମାଜିକ ଓ ଗଣ ଆନ୍ଦୋଳନ ସହିତ ନିଜକୁ ସାମିଲ କରିଛନ୍ତି। କେବଳ କେନ୍ଦ୍ରାପଡ଼ା କି ଓଡ଼ିଶା ନୁହେଁ, ଜାତୀୟ ରାଜନୀତି କ୍ଷେତ୍ରରେ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ଏପରିକି ଜଣେ ପ୍ରଚଣ୍ଡ ରାଜନୀତିକ ଜ୍ଞାନର ଅଧିକାରୀ ତଥା ଅଭିଜ୍ଞ ସାଂସଦ ଭାବେ ତାଙ୍କର ରାଜନୀତିକ ଓ ସଂସଦୀୟ କାର୍ଯ୍ୟଦକ୍ଷତା ତାଙ୍କୁ ଆପେ ଜାତୀୟ ରାଜନୀତି ମଂଚରେ ଛିଡ଼ା କରି ଦେଇଛି। ୨୦୦୦ ଓ ୨୦୦୬ ମସିହାରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ବିଜେଡ଼ି ରାଜ୍ୟସଭା ସଂସଦୀୟ ଦଳର ନେତା ପଦରେ ଅଧିଷ୍ଠିତ ହୋଇଥିଲେ। ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ସେ ବିଜେଡ଼ି ଟିକଟରେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରରୁ ନିର୍ବାଚିତ ହୋଇ ବିଭିନ୍ନ ସଂସଦୀୟ କମିଟିର ଜଣେ ପ୍ରମୁଖ ସଦସ୍ୟ ଭାବେ ନିଜର ଦାୟିତ୍ୱ ସଫଳତାର ସହ ତୁଲାଇଥିଲେ।

ସଂସଦ ଅଧିବେଶନରେ ବୈଜୟନ୍ତ ବାବୁଙ୍କର କାର୍ଯ୍ୟଶୈଳୀ, ପ୍ରଭାବୀ ବକ୍ତୃତା ଓ ଜାତୀୟ ସ୍ତରୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ ତଥା ସଂସଦ ବାହାରେ, ନିଜ ରାଜ୍ୟରେ ଓ ନିଜ ନିର୍ବାଚନ ମଣ୍ଡଳୀରେ ତାଙ୍କର ଲୋକାଭିମୁଖୀ କାର୍ଯ୍ୟ ଅଦ୍ୱିତୀୟ। ସଂସଦ ଅଧିବେଶନରେ ପ୍ରଶ୍ନ-ଉତର, ବଜେଟ୍, ବିଧେୟକ, ଧ୍ୟାନାକର୍ଷଣ, ସ୍ଥଗନ, ଚର୍ଚ୍ଚା ଭଳି ମହତ୍ୱପୂର୍ଣ୍ଣ ଆଲୋଚନାରେ ବୈଜୟନ୍ତବାବୁ ଉପସ୍ଥିତ ରହି ସବୁଥିରେ ସକ୍ରିୟ ଅଂଶ ଗ୍ରହଣ କରନ୍ତି। ଦେଶରେ ଦାରିଦ୍ର୍ୟ, ଅନାହାର, ପୁଷ୍ଟିହୀନତା, ମାତୃ ଓ ଶିଶୁମୃତ୍ୟୁ, ଦାଦନ ଭଳି ବିଭିନ୍ନ ସାମାଜିକ ଓ ପ୍ରଶାସନିକ ସମସ୍ୟା ସମାଧାନ ପାଇଁ ସେ ନିୟମିତ କାର୍ଯ୍ୟ କରି ଆସିଛନ୍ତି। ଏଥିପାଇଁ ମଧ୍ୟ ସେ ସଂସଦରେ ଅନେକ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଛନ୍ତି। ୨୦୧୧ରେ ବୈଜୟନ୍ତବାବୁଙ୍କ ସମେତ ଏକ ଉଚ୍ଚସ୍ତରୀୟ ଯୁବ ସଂସଦୀୟ ଦଳ “ସିଟିଜେନ୍ସ ଆଲିଆନ୍ସ ଏଗ୍‌ନେଷ୍ଟ ମାଲ୍‌ନ୍ୟୁଟ୍ରିସନ୍” ଶିଶୁ ପୁଷ୍ଟିହୀନତାର କାରଣ ସଂପର୍କରେ ସାରା ଭାରତରେ ବୁଲି ମା’, ଶିଶୁ, ଅଙ୍ଗନୱାଡ଼ୀ କର୍ମୀ ଓ ସରକାରୀ କର୍ମକର୍ତାଙ୍କୁ ଭେଟିଥିଲେ। ଏହି ଦଳ ୧ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁ ଓ ୭୪ ହଜାରରୁ ଊର୍ଦ୍ଧ୍ୱ ମା’ଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଏହା ଦେଶର ସବୁଠୁ ବଡ଼ ପୁଷ୍ଟିହୀନତା ସର୍ଭେ ଥିଲା। ୨୦୧୩ରେ ରାଜନୀତିକ ବ୍ୟକ୍ତିଙ୍କ ବିରୁଦ୍ଧରେ ଥିବା ଅପରାଧିକ ମାମଲାର ବିଚାର ପାଇଁ ସ୍ପେଶିଆଲ୍ ଫାଷ୍ଟ ଟ୍ରାକ୍ କୋର୍ଟ ସ୍ଥାପନ ପାଇଁ, ୨୦୧୩ରେ ରାଜନୀତିରେ ଅପରାଧୀକରଣ ନିୟନ୍ତ୍ରଣ ପାଇଁ, ୨୦୧୪ରେ ଜଣେ ବ୍ୟକ୍ତି ଏକସମୟରେ ସଂସଦୀୟ କ୍ଷେତ୍ର ଓ ବିଧାନସଭା କ୍ଷେତ୍ର ଉଭୟରୁ ନିର୍ବାଚିତ ହୋଇ ପରେ ଯେଉଁ ଆସନରୁ ଇସ୍ତଫା ଦେବେ, ସେଠାରେ ଦ୍ୱିତୀୟ ସ୍ଥାନ ଦଖଲ କରିଥିବା ପରାଜିତ ପ୍ରାର୍ଥୀଙ୍କୁ ନିର୍ବାଚିତ ଘୋଷିତ କରିବାକୁ ସଂସଦରେ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଥିଲେ।

ସୂଚନାଯୋଗ୍ୟ ଯେ, ୨୦୧୮ ଜାନୁୟାରୀ ୨୪ ତାରିଖରେ ତାଙ୍କୁ ବିଜେଡ଼ିର ପ୍ରାଥମିକ ସଭ୍ୟ ପଦରୁ ନିଲମ୍ବନ କରାଯାଇଥିଲା, ଯାହାକୁ କେନ୍ଦ୍ରାପଡ଼ାର ସଚେତନଶୀଳ ନାଗରିକମାନେ ଗ୍ରହଣ କରିପାରି ନ ଥିଲେ। ତା.୨୮.୦୫.୨୦୧୮ରିଖରେ ବିଭିନ୍ନ କାରଣ ଦର୍ଶାଇ ବୈଜୟନ୍ତବାବୁ ବିଜେଡ଼ିରୁ ଇସ୍ତଫା ଦେଇଥିଲେ ଓ ତା.୧୨.୦୬.୨୦୧୮ ରିଖରେ ଲୋକସଭା ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ। ତେବେ ୨୦୧୯ ମାର୍ଚ୍ଚ ୪ ତାରିଖରେ ସେ ବିଜେପିରେ ଯୋଗ ଦେଇଥିଲେ। ଏହାର ମାତ୍ର ଚାରିଦିନ ପରେ ମାର୍ଚ୍ଚ ୮ ତାରିଖରେ ତାଙ୍କୁ ଅତି ଗୁରୁତ୍ୱପୂର୍ଣ୍ଣ ବିଜେପି ଜାତୀୟ ଉପ-ସଭାପତି ତଥା ମୁଖପାତ୍ର ପଦରେ ଅବସ୍ଥାପିତ କରାଯାଇଥିଲା। ବୈଜୟନ୍ତବାବୁ ଯେପରି ସ୍ଥାନୀୟ ସମସ୍ୟାକୁ ଗୁରୁତ୍ୱ ଦେଇ ଉନ୍ନୟନ କାର୍ଯ୍ୟକୁ ଆଗେଇ ନେଇଥା’ନ୍ତି ଓ ଲୋକଙ୍କୁ ଭଲ ପାଆନ୍ତି, ପୂର୍ବର କୌଣସି ସାଂସଦଙ୍କଠାରେ ତାହା ଦେଖାଯାଇ ନ ଥିଲା। ବାସ୍ତବରେ ସାଧାରଣ ଲୋକଙ୍କ ପାଇଁ ଉନ୍ନୟନ କାର୍ଯ୍ୟରେ ନିଜକୁ ସଂପୂର୍ଣ୍ଣ ଭାବେ ଉତ୍ସର୍ଗ କରିଥିଲେ ବୈଜୟନ୍ତବାବୁ। ତେବେ ବୈଜୟନ୍ତବାବୁ ୨୦୧୯ ଲୋକସଭା ନିର୍ବାଚନରେ କେନ୍ଦ୍ରାପଡ଼ା ଆସନରେ ତୃତୀୟ ଥର ପାଇଁ ବିଜେପି ଟିକଟରେ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ନିର୍ବାଚନରେ ବିଜେଡ଼ିର ଅନୁଭବ ମହାନ୍ତି ୬,୨୮,୯୩୯ ଖଣ୍ଡ ଭୋଟ ପାଇଥିଲାବେଳେ ବିଜେପିର ବୈଜୟନ୍ତ ପଣ୍ଡା ୪,୪୭,୪୫୬ ଖଣ୍ଡ ଭୋଟ ଏବଂ କଂଗ୍ରେସର ଧରଣୀଧର ନାୟକ ୧,୧୩,୮୪୧ ଖଣ୍ଡ ଭୋଟ୍ ପାଇଥିଲେ। ତେବେ ବିଜେଡ଼ିର ଅନୁଭବ ମହାନ୍ତି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବୈଜୟନ୍ତବାବୁଙ୍କୁ ୧,୮୧,୪୮୩ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ଏଠାରେ ପ୍ରଶ୍ନ ଉଠିପାରେ ଯେ, କେନ୍ଦ୍ରାପଡ଼ାର ବିକାଶ ପାଇଁ ବୈଜୟନ୍ତ ବାବୁ ଅନେକ ଉନ୍ନୟନ କାର୍ଯ୍ୟ କରିବା ସହ ବହୁ ଉନ୍ନୟନ ଯୋଜନା ହାତକୁ ନେଇଥିଲେ ହେଁ ମତଦାତାମାନେ ତାଙ୍କୁ ପ୍ରତ୍ୟାଖ୍ୟାନ କଲେ କାହିଁକି ? ତେବେ ମୁଖ୍ୟତଃ ଦୁଇଟି କାରଣ ପାଇଁ ବୈଜୟନ୍ତବାବୁ ପରାଜିତ ହେଲେ ବୋଲି ରାଜନୀତିକ ସମୀକ୍ଷକମାନେ ମତ ଦେଇଥିଲେ।। ପ୍ରଥମତଃ ବିଜେପିରେ ମିଶିବା ତାଙ୍କ ପାଇଁ କାଳ ହେଲା। କାରଣ ଯେଉଁ ସଂଖ୍ୟାଲଘୁ ଭୋଟ, ପୂର୍ବରୁ ବୈଜୟନ୍ତବାବୁଙ୍କ ହାତମୁଠାରେ ଥିଲା, ସେ ବିଜେପିର ପ୍ରାର୍ଥୀ ହେବାପରେ ପ୍ରାୟତଃ ସବୁ ଭୋଟ ବିଜେଡ଼ି ହାତକୁ ଚାଲିଗଲା। ଦ୍ୱିତୀୟତଃ ବୈଜୟନ୍ତ ବାବୁଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଯୁବ ଗୋଷ୍ଠୀର ଭୋଟଗୁଡ଼ିକ ଅତି ସହଜରେ ବିଜେଡ଼ି ଅକ୍ତିଆରକୁ ଚାଲିଗଲା। ସେହିପରି ଭୋଟ ପରିଚାଳନା ବେଳେ ସେ ତାଙ୍କର ପୁରୁଣା ସମର୍ଥକ ଓ ଶୁଭେଚ୍ଛୁମାନଙ୍କୁ ଆଡ଼େଇଦେବା ଦେଖାଯାଇଥିଲା। ଅନ୍ୟପକ୍ଷରେ ବୈଜୟନ୍ତ ବାବୁଙ୍କ ପ୍ରାର୍ଥୀତ୍ୱ ଓ ନିର୍ବାଚନ ବିଜୟ ପାଇଁ ବିଜେପିର କେତେକ ଆଗଧାଡ଼ିର ନେତା ସେମିତି କିଛି ସହଯୋଗ ଦେଇନଥିବା ସେତେବେଳେ ମନେହୋଇଥିଲା ବୋଲି ରାଜନୀତିକ ସମୀକ୍ଷକମାନେ ମତ ଦେଇଥିଲେ। ମାତ୍ର ବିଜେଡ଼ି ପ୍ରାର୍ଥୀ ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କର ଅଭିନେତ୍ରୀ ସହଧର୍ମିଣୀ ବର୍ଷା ପ୍ରିୟଦର୍ଶିନୀ ନିଜର ଯଥେଷ୍ଟ ଉଦ୍ୟମ ବଳରେ ଯୁବଗୋଷ୍ଠୀକୁ ନିଜ ପକ୍ଷକୁ ଆଣିପାରିଥିଲେ। ଯେଉଁଥିପାଇଁ ବିଜେଡ଼ି ସହଜ ବିଜୟଲାଭ କରିଥିଲା।

ବାସ୍ତବତା ଦେଖାଗଲେ, ବୈଜୟନ୍ତ ପଣ୍ଡା ଜଣେ ଭିନ୍ନ ଚରିତ୍ରର ମଣିଷ। ସାଂସଦ ନଥାଇ ମଧ୍ୟ ସେ ସବୁବେଳେ କେନ୍ଦ୍ରାପଡ଼ା ଅଂଚଳରେ ରହି ଲୋକମାନଙ୍କ ସୁଖ-ଦୁଃଖରେ ଭାଗୀ ହେଉଥିବା ଦେଖାଯାଉଛି। ଦଳମତ ନିର୍ବିଶେଷରେ କେନ୍ଦ୍ରାପଡ଼ାର ସାଧାରଣ ମଣିଷକୁ ସେ ବନ୍ଧୁ ଭାବରେ ଗ୍ରହଣ କରିଥିବା ବେଳେ ତାଙ୍କ ପ୍ରତି ମଧ୍ୟ କେନ୍ଦ୍ରାପଡ଼ାବାସୀଙ୍କର ଏବେ ବି ଅକୁଣ୍ଠ ସମର୍ଥନ ରହିଛି।

# ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ



ଭବାନୀପାଟଣା ,(ପି.ଏନ): କଳାହାଣ୍ଡି ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ତରଫରୁ ଦୁଆରସନୀ ଗ୍ରାମ ପଞ୍ଚାୟତରେ ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସହକାରୀ ନିର୍ଦ୍ଦେଶକ ଜିଲ୍ଲା ଆର୍ଥିକ ସେବା ଓ ସ୍ୱଳ୍ପ ସଞ୍ଚୟ ବିବେକାନନ୍ଦ ମହାନନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଭବାନୀପାଟଣା କୃଷ୍ଣ ପ୍ରସନ୍ନ ପଣ୍ଡା ଯୋଗଦେଇ ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଦିଗରେ ଚିଟଫଣ୍ଡ କମ୍ପାନୀରେ ଟଙ୍କା ବିନିଯୋଗ କରିବାର ଅପକାରିତା, ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଜୀବନ ବୀମା, ଅଟଳ ପେନସନ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଏଥିରେ ମିଶନଶକ୍ତି ମଣ୍ଡଳୀ ଓ ଅଙ୍ଗନବାଡି କର୍ମକର୍ତ୍ତା କର୍ମୀ ଯୋଗ ଦେଇଥିଲେ ।

# ପ୍ରଣତି ସିଂହଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ

ମାହାଙ୍ଗା ,(ପି.ଏନ): ମାହାଙ୍ଗା ବ୍ଲକ ନାହାଙ୍ଗ ପଂଚାୟତ ଅର୍ନ୍ତଗତ ବାଲିପଡା ଠାରେ ମନୋଜ କୁମାର ସିଂହଙ୍କ ପତ୍ନୀ ପ୍ରଣତି ସିଂହଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନାହାଙ୍ଗା ପଂଚାୟତର ପୂର୍ବତନ ସରପଂଚ ଭାଗବତ ସେଠୀ, ଜଟିନ୍‌ଞ୍ଜୟ କୁଅଁର, ସନ୍ତୋଷ ସିଂହ,ତୋଫାନ ସିଂହ, ବିଜୟ ସିଂହ, ଅରୁଣ ମହାରଣା,ବିଚିତ୍ରାନନ୍ଦ ସାହୁ, ଅଜୟ ମହାନ୍ତି,ମୋହନ ଚରଣ ସିଂହ,ଦିଲ୍ଲିପ ସିଂହ, ରବିନ୍ଦ୍ରନାଥ ସିଂହ,ଦାମୋଦର ସିଂହ,ପ୍ରହଲ୍ଲାଦ ସିଂହ, ସାମ୍ବାଦିକ ବିଜୟ କୁଅଁରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗେନ୍ଦ୍ର ସିଂହ, ସ୍ୱର୍ଣ୍ଣଲତା ସିଂହ, ଅନ୍ନପୂର୍ଣ୍ଣା ସିଂହ, ମାମାଲି ସିଂହ, ପ୍ରୟାଂଶୁ ସିଂହ, ମାନସି ସିଂହ, ପ୍ରତିଭା ସିଂହ, ପଂଙ୍କଜ କୁମାର ସିଂହ ଓ ପୁତ୍ର ପ୍ରସନଜିତ୍ ସିଂହ ଉପସ୍ଥିତ ରହିଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଣତି ସିଂହଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନାରୀବିନା ସଂସାର ଅଧୁରା,ଏଣୁ ନାରୀଙ୍କୁ ଗୃହଲକ୍ଷ୍ମୀଭାବେ ମାନ୍ୟତା ଦିଆଯାଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ସୁରକ୍ଷାରେ ତ୍ରୁଟି ଯୋଗୁଁ କାରଖାନା ପରିସରରେ ଦୁର୍ଘଟଣା ପରେ ଟିପର ଚାଳକର ମୃତ୍ୟୁ



କେନ୍ଦୁଝର (ପିଏନ୍): କାରଖାନା ପରିସରରେ ସୁରକ୍ଷାରେ ତୃଟି ଯୋଗୁଁ ଜଣେ ଟ୍ରକ ଚାଳକର ମୃତ୍ୟୁ ହୋଇଛି। ପୋଲିଓ ଏବଂ କାରଖାନା ଓ ବାଷ୍ପିତ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ବାମେବାରୀ ଥାନା ଅନ୍ତର୍ଗତ ବସନ୍ତପୁରଠାରେ ଥିବା ଏସେଲ ମାଇନିଂ ଏଣ୍ଡ ଇଣ୍ଡଷ୍ଟ୍ରିଜ ପିଲେଟ ଏବଂ ବେନିଫିକେସନ କାରଖାନା ପରିସରରେ ଏକ ଲୁହାପଥର ଗୁଣ୍ଡ ବୋଝେଇ ଟିପର ଦୁର୍ଘଟଣା ଘଟି ଟିପର ଚାଳକଙ୍କ ମୃତ୍ୟୁ ଘଟିଛି। କାରଖାନା ପରିସରରେ ଟ୍ରାଫିକ ସୁରକ୍ଷା ବ୍ୟବସ୍ଥା ଢିଲା ଓ ଭିତରେ ଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇଥିବାରୁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଥିବାବେଳେ ଏବେ ଏକ ଦୁର୍ଘଟଣା ଘଟି ଜଣେ ଟିପର ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକଙ୍କ ନାମ ଛେଦି ମୁଣ୍ଡା ଏବଂ ବୟସ ୩୧ବର୍ଷ ବୋଲି ଜଣାପଡିଛି। ଏହାକୁ ନେଇ ବାମେବାରୀ ଥାନା ପୋଲିସ ଏକ କେସ ନଂ ୨୦୨ ଦଫା ୨୭୯, ୩୦୪ (ଏ) ଏକ ମାମଲା ରୁଜୁ କରିଥିବାବେଳେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। କାରଖାନା ପରିସରରେ ବେପରୁଆ ଗାଡି ଚାଳନା ଯୋଗୁ ଗାଡି ଚାଳକର ମୃତ୍ୟୁ ହୋଇଥିବା ପୋଲିସ କହିଛି। କାରଖାନା ପରିସରରେ ଦୃତ ଗତିରେ ଗାଡି ଚଲାଉଥିଲେ ସୁରକ୍ଷା କର୍ମଚାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। କେନ୍ଦୁଝରସ୍ଥିତ ସହକାରୀ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ ପକ୍ଷରୁ ମଧ୍ୟ ତଦନ୍ତ ଆରମ୍ଭ ହୋଇଛି। ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ ବିଭାଗର ଇଂ କେଦାର ନାଥ ହାଁସଦା ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଏହି ଘଟଣାକୁ ଭିନ୍ନ ମୋଡ ଦେଇ କାରଖାନା କର୍ତ୍ତୃପକ୍ଷ ଙ୍କୁ ସୁରକ୍ଷା ଦେବାକୁ ପ୍ରୟାସ ଚାଲିଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଠାରେ ସୂଚନା ଯୋଗ୍ୟ ଯେ, କାରଖାନା ପରିସରରେ ଥିବା ରାସ୍ତାଘାଟ ଗୁଡିକ ସଠିକ ମାନର କରିବା ସହ ଶ୍ରମିକ ତଥା ଗାଡି ଚାଳକ ମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବାର ବ୍ୟବସ୍ଥା ରହିଛି। ସେହିପରି କାରଖାନା ପରିସରରେ ଧୂଳି,ଧୂଆଁ ପ୍ରଦୂଷଣ ନିୟନ୍ତ୍ରଣ କରି ଦୁର୍ଘଟଣା ରୋକିବା ନେଇ ମଧ୍ୟ ପଦକ୍ଷେପ ନିଆଯାଇଥାଏ। ତେବେ ଏସବୁ ଅବ୍ୟବସ୍ଥା ତଦାରଖ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ,ଶ୍ରମ ବିଭାଗ,କାରଖାନା ଓ ବାଷ୍ପିତ ବିଭାଗ ଗସ୍ତ କରି ଯାଂଚ କରିଥାନ୍ତି। ତେବେ ଏହି କାରଖାନାରେ ସେ ସବୁ ଠିକ୍ ଭାବରେ ଯାଂଚ ହୋଇଛି କି ନାହିଁ ତାହାର ତଦନ୍ତ କରିବା ସହ ନିୟମିତ ରାସ୍ତାଘାଟ ସଫେଇ ଓ ଜଳସିଞ୍ଚନ କରାଯାଉନଥିବାରୁ ଗାଡି ଚଳାଚଳ ସମୟରେ ଧୂଳି ଉଡି ସମସ୍ୟା ଦେଖାଦେଇଥାଏ। ଏଣୁ ଏସବୁ ଦୃଷ୍ଟିକୋଣରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତ ଡ୍ରାଇଭରଙ୍କୁ କ୍ଷତିପୂରଣ ଦେଇ ନ୍ୟାୟ ଦେବାକୁ ଦାବୀ ହୋଇଛି। ଏନେଇ ବାମେବାରୀ ଥାନା ଅଧିକାରୀ ସ୍ୱରୂପ ରଂଜନ ନାୟକ କହିଛନ୍ତି ଯେ, ଘଟଣାକୁ ନେଇ କେସ କରାଯାଇ ତଦନ୍ତ ଚାଲିଛି। ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ ବିଭାଗର ଇଂ କେଦାର ନାଥ ହାଁସଦାଙ୍କ ସହ ଯୋଗାଯୋଗ କରିବାରୁ କାରଖାନା ପରିସରରେ ଦୁର୍ଘଟଣାର ତଦନ୍ତ ଚାଲିଛି। ମାଲଗାଡିଗୁଡିକ କାରଖାନାରୁ ବାହାରିବା ସମୟରେ ଗାଡିର ଚକା ପାଣିରେ ଧୋଇବା ପାଇଁ ଯେଉଁ ବ୍ୟବସ୍ଥା ହେବା କଥା ତାହା ନାହିଁ। ଫଳରେ କାରଖାନା ଗାଡି ଯିବା ଆସିବା ସମୟରେ ଧୂଳି ଉଡି ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। କାରଖାନା ପରିସରରେ ଜଳସିଞ୍ଚନ ବ୍ୟବସ୍ଥା ମଧ ଠିକ୍ ଭାବରେ କାମ କରୁନଥିବା ଅଭିଯୋଗ ହୋଇଛି। କାରଖାନା ଭିତର ରାସ୍ତା ସଂପୂର୍ଣ୍ଣ ଭାବରେ ଗମନାଗମନ ଅନୁପଯୁକ୍ତ ହୋଇପଡିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାରଖାନା ଭିତର ରାସ୍ତାକୁ ପକ୍କା କରିବା ପାଇଁ ନିର୍ଦ୍ଦେଶନାମା ରହିଥିଲେ ମଧ କାରଖାନା କର୍ତ୍ତୃପକ୍ଷ ଦୀର୍ଘଦିନ ଧରି ଅଣଦେଖା କରୁଛନ୍ତି। ଯାହାଦ୍ୱାରା ଗାଡି ଚଳାଚଳ ସମୟରେ ପ୍ରବଳ ମାତ୍ରାରେ ଧୂଳି ଉଡି ଗୋଟିଏ ଗାଡି ଅନ୍ୟ ଗାଡିକୁ ଦେଖିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଦୁର୍ଘଟଣା ଆଶଙ୍କା ରହୁଛି। ଗାଡି ଚାଲିବା ଦ୍ୱାରା ଏତେ ମାତ୍ରାରେ ଧୂଳି ଉଡୁଛି ଯେ କାରଖାନାର କର୍ମଚାରୀମାନେ ମଧ କାରଖାନା ପରିସରରେ କାମ କରିବା ନିରାପଦ ମଣୁନାହାଁନ୍ତି। କାରଖାନା ଯାଞ୍ଚ ପାଇଁ ଶିଳ୍ପ ବିଭାଗ ଏକ କମିଟି ଗଠନ କରଛନ୍ତି। ଯାହାକୁ ସେଣ୍ଟ୍ରାଲ ଇନ୍ସପେକ୍ସନ କୋ-ଅଡିନେସନ ଗ୍ରୁପ(ସିଆଇସିଜି) କୁହାଯାଉଛି। ଏହି ଗ୍ରୁପ ରେ ଶ୍ରମ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ କୁ ସାମିଲ କରାଯାଇଛି। କମ୍ପ୍ୟୁଟର ଜେନେରେଟେଡ ପ୍ରୋଗ୍ରାମ ଅନୁସାରେ ଏହାର ଅଧିକାରୀମାନେ ବିଭିନ୍ନ କଳକାରଖାନା ପରିଦର୍ଶନ କରିବାର ନିୟମ ରହିଛି । କିନ୍ତୁ ଶିଳ୍ପ ବିଭାଗରେ ଏହି ମହତ କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲାରେ ଫେଲ ମାରିଛି। ଯୁଗ୍ମ ଭାବେ ଯାଂଚ ସମୟରେ ଅନେକ ବିଭାଗର ଅଧିକାରୀ ଅନୁପସ୍ଥିତ ରହି ପରବର୍ତ୍ତୀ ସମୟରେ କାଗଜକଲମରେ ଯାଂଚ ରିପୋର୍ଟ ପ୍ରସ୍ତୁତ କରି ଅନ୍‌ଲାଇନରେ ଅପଲୋଡ କରୁଛନ୍ତି। ଏପରିକି ଅନଲାଇନରେ ଅପଲୋଡ ପରେ ଏହାଉପରେ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଶିଳ୍ପ ବିଭାଗର ସିଆଇସିଜି ଯାଞ୍ଚ ର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ଫଳରେ କଳକାରଖାନାରେ ଥିବା ବିଭିନ୍ନ ଅବ୍ୟବସ୍ଥାର ସୁଧାର ଆସି ପାରୁନାହିଁ। ଜନହିତକର ଏବଂ ଶିଳ୍ପ ପ୍ରୋତ୍ସାହନ ପାଇଁ କରାଯାଇଥିବା ଏହି ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ।

# ବାଲି ଚୋରା ଚାଲାଣକୁ ଗ୍ରାମବାସୀଙ୍କ ବିରୋଧ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ମଙ୍ଗଳପୁର ପଂଚାୟତ କୋଠିଡ଼ିହ ଗାଁ ନିକଟ ବ୍ରାହ୍ମଣୀ ନଦୀରୁ ହେଉଥିବା ବାଲି ଚୋରା ଚାଲାଣକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି । ଏକ ବାଲି ବୋଝେଇ ହାଇୱା ଓ ପୋକଲିନ୍ ମେସିନ୍‌କୁ ଅଟକାଇ ଏହି ବେଆଇନ ବାଲିଘାଟକୁ ତୁରନ୍ତ ବନ୍ଦ କରିବା ପାଇଁ ନାରାବାଜି କରିଥିଲେ । ପ୍ରଶାସକ ଓ ରାଜନେତାଙ୍କ ସହଯୋଗରେ ଏଠାରୁ ବାଲିମାଫିଆ ବେଧଡ଼କ ବାଲି ଲୁଟ୍ କରୁଥିବା ବେଳେ ରାଜ୍ୟ ସରକାରଙ୍କର ବିପୁଳ ରାଜସ୍ୱ ହାନୀ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ପ୍ରକାଶ ଯେ, ରସୁଲପୁର ତହସିଲ ଅଧୀନ ଲଙ୍କାବାଲିସାହି ବାଲିଘାଟ ଲିଜ୍ ନେଇଥିବା ଲିଜ୍‌ଧାରୀ ଧର୍ମଶାଳା ତହସିଲ ଅଧୀନ କୋଠିଡ଼ିହ ନିକଟ ବ୍ରାହ୍ମଣୀ ନଦୀରୁ ବେଆଇନ ଭାବେ ବାଲି ଉତୋଳନ କରୁଛନ୍ତି । ଦୁଇଟି ପୋକଲିନ୍ ମେସିନ୍ ବାଲି ଉତୋଳନ କରୁଥିବା ବେଳେ ଏହାକୁ କେତେକ ହାଇୱାରେ ପରିବହନ କରାଯାଉଛି । ଗୋଟିଏ ହାଇୱାରେ ବାଲି ବୋଝେଇ ହୋଇ ଗଲାପରେ ଅନ୍ୟ ଏକ ହାଇୱା ଘାଟରେ ପଶୁଛି । ସ୍ଥାନୀୟ ଅଂଚଳବାସୀଙ୍କୁ ଅନ୍ଧାରରେ ରଖି ଲିଜ୍‌ଧାରୀ ଅତି ଚତୁରତାର ସହ କେତେକ ହାଇୱାରେ ଦିନକୁ ଶତାଧିକ ଟ୍ରିପ୍ ବାଲି ଲୁଟି ନେଉଛନ୍ତି । ଲିଜ୍ ଅଂଚଳରୁ ବାଲି ଉଠାଇବା ପରିବର୍ତେ କାହା ନିର୍ଦ୍ଦେଶରେ ବିନା ଆର୍ ଫର୍ମରେ ଏଠାରୁ ବେଆଇନ ବାଲି ଉତୋଳନ ହେଉଛି ? ଲଘୁ ଖଣିଜ ସାମଗ୍ରୀ ଚୋରି ରୋକିବା ପାଇଁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର, ଆର୍‌ଆଇଙ୍କୁ ନେଇ ଗଠନ ହୋଇଥିବା ସ୍ୱତନ୍ତ୍ର ଟାକ୍ସଫୋର୍ସ କ’ଣ କରୁଛି ବୋଲି ପ୍ରଶ୍ନ ଉଠାଇଛନ୍ତି ଆନ୍ଦୋଳନକାରୀ । ସେହିପରି ଚାନ୍ଦପୁର ମୌଜାରେ ବାଲି ସୈରାତ୍ ଲିଜ୍ ନେଇଥିବା ଲିଜ୍‌ଧାରୀ ଏଠାରୁ ୩୦ ହଜାର ଘନମିଟରରୁ ଅଧିକ ବାଲି ଲୁଟି ନେଇଥିଲେ । ସ୍ଥାନୀୟ ଅଂଚଳବାସୀଙ୍କ ବିରୋଧ ପରେ ଧର୍ମଶାଳା ତହସିଲ ପକ୍ଷରୁ ଗତ ଜୁନ୍ ମାସରେ ଏଠାରେ ଚଢ଼ଉ କରାଯାଇ ୭ଟି ବାଲି ବୋଝେଇ ହାଇୱା ଓ ୨ଟି ପୋକଲିନ୍ ମେସିନ୍ ଜବତ କରିଥିଲା । ସଂପୃକ୍ତ ବାଲିମାଫିଆ ବିରୋଧରେ ୨କୋଟି ଟଙ୍କା ଜରିମାନା କରାଯାଇଥିଲା । ଏହି ଜରିମାନା ବର୍ତମାନ ସୁଦ୍ଧା ଅନାଦେୟ ରହିଛି । ଏହାସତ୍ୱେ ପୁଣି ଏଠାରୁ ୨୦ ହଜାର ଘନମିଟରରୁ ଅଧିକ ବାଲି ଲୁଟ୍ ହୋଇଯିବା ଘଟଣା ପ୍ରଶାସନର ସ୍ୱଚ୍ଛତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ପୂର୍ବାହ୍ନରେ ମଙ୍ଗଳପୁର ପଂଚାୟତର ନୂଆକୁଳ, ମଙ୍ଗଳପୁର ଓ କୋଠଡିହ ଗ୍ରାମବାସୀ ବେଆଇନ ବାଲିଘାଟକୁ ବିରୋଧ କରିବା ଓ ବାଲି ବୋଝେଇ ହାଇୱାକୁ ଅଟକାଇଥିବା ଖବର ପାଇ ବ୍ରହ୍ମବରଦା ଫାଣ୍ଡି ପୁଲିସ୍ ଘଟଣାସ୍ଥଳରେ ପହଁଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲା । ଏ ସଂପର୍କରେ ପୁଲିସ୍ ଉଭୟ ଧର୍ମଶାଳା ଓ ରସୁଲପୁର ତହସିଲଦାରଙ୍କୁ ଅବଗତ କରାଇଥିଲେ । ଉକ୍ତ ବିବାଦର ସମାଧାନ ପାଇଁ ଦୁଇ ତହସିଲର ତହସିଲଦାରଙ୍କ ଉପସ୍ଥିତିରେ ଏରିଆ ମାପଚୁପ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀମାନେ ଆନ୍ଦୋଳନରୁ ଓହରିଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ଫଟୋ ସଂଗ୍ରହରେ ବିରଳ ରେକର୍ଡ



ଭୁବନେଶ୍ୱର (ପିଏନ୍): ବାଲକାଟି ରଥଜେମା ଗ୍ରାମର ଶ୍ରୀ ଦିଲ୍ଲୀପ କୁମାର ସାହୁ ବାସ୍ତବରେ ଜଣେ ନିଆରା ସଂଗ୍ରାହକ ଓ ଜଣେ ନିଆରା ମଣିଷ ମଧ୍ୟ। ଖବରକାଗଜରୁ ଦେଶ ବା ରାଜ୍ୟର ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଫଟୋ ସବୁକୁ ସେ ନିୟମିତ ଭାବରେ ସଂଗ୍ରହର କରି ରଖିଥାନ୍ତି। ଆମ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କର ଅନେକ ଫଟୋକୁ ସେ ନିଜ ଫାଇଲ୍‌ରେ ସାଇତି କରି ରଖିଛନ୍ତି। ଅନେକ କ୍ରିକେଟ୍ ଖେଳାଳିଙ୍କ ଫଟୋକୁ ମଧ୍ୟ ସେ ସଂଗ୍ରହ କରି ରଖିଛନ୍ତି। ଆଜିକୁ ଦୀର୍ଘ ୨୦ ବର୍ଷ ତଳେ ସେ ଏହି ସଂଗ୍ରହ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ୨୦୦୧ ମସିହାରେ ସେବେଠାରୁ ଦୀର୍ଘ ୨୨ ବର୍ଷ ହେଲାଣି ଦିଲ୍ଲୀପ ଏହି ସଂଗ୍ରହ କାର୍ଯ୍ୟ କରୁଛନ୍ତି। ନିକଟରେ ସେ ଆମ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଦୁବାଇ ସାରେଜାସ୍ଥିତ, ବ୍ରାଭୋ ଇଣ୍ଟରନ୍ୟାସ୍‌ନାଲ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଯଦିଓ ଏହି ଆନ୍ତର୍ଜାତିକ ସ୍ତରରେ ରେକର୍ଡ ବୁକ୍‌ରେ ସ୍ଥାନ ପାଇବା ସହଜସାଧ ନୁହେଁ । ତଥାପି ଦିଲ୍ଲୀପଙ୍କ ନିଷ୍ପାପର ଭାବରେ ନିରନ୍ତର ସଂଗ୍ରହ ଦ୍ୱାରା ଆମ ଦେଶର ପ୍ରଧାନମନ୍ତ୍ରୀଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଦିଲ୍ଲୀପ ଆନ୍ତର୍ଜାତିକ ସ୍ତରରେ ଏହି ରେକର୍ଡ କରିଛନ୍ତି। ଦିଲ୍ଲୀପ ମଧ ପ୍ରତ୍ୟେକ ଦିନ ନିଜର ସଂଗ୍ରହକୁ ସାମାଜିକ ଗଣମାଧ୍ୟମରେ ସେୟାର କରନ୍ତି। ଆମ ଦେଶର ନୂତନ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ ମଧ ଦିଲ୍ଲୀପଙ୍କ ସଂଗ୍ରହକୁ ଦିଲ୍ଲୀପଙ୍କ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଲାଇକ୍ କରିଛନ୍ତି। ଦିଲ୍ଲୀପ ମଧ ଆହୁରି ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାରମାନେ ନିଜର ଏହି ସଂଗ୍ରହ କାର୍ଯ୍ୟ ଏବଂ କଳା ପାଇଁ ପାଇଛନ୍ତି। ନିକଟରେ ରାଷ୍ଟ୍ରୀୟ ପ୍ରେରଣା ଆୱାଡ-୨୦୨୨ ମଧ ଦିଲ୍ଲୀପ ପାଇଥିଲେ। ଦିଲ୍ଲୀପ ମଧ ୨୦୨୧ ମସିହାରେ ଆମ ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଇଣ୍ଡିଆ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଥିଲେ। ଦିଲ୍ଲୀପ ଅନେକ ପୁରସ୍କାର ମଧ ଲାଭ କରିଛନ୍ତି। ୨୦୨୧ ମସିହାରେ ଇଣ୍ଡିଆ ଷ୍ଟାର ଇଣ୍ଡିପେଣ୍ଡେଣ୍ଟ ଆୱାର୍ଡ, ଇଣ୍ଡିଆ ପ୍ରାଉଡ୍ ଆୱାର୍ଡ, ୨୦୨୨ ମସିହାରେ ଇଣ୍ଡିଆ ପ୍ରାଇମ୍ ଆୱାର୍ଡ ପାଇ ଚର୍ଚ୍ଚାରେ ଥିଲେ। ଦିଲ୍ଲୀପ ଜଣେ ଭଲ ଚିତ୍ରଶିଳ୍ପୀ। ଦିଲ୍ଲୀପଙ୍କ ଏହି କାର୍ଯ୍ୟ ପ୍ରଶଂସନୀୟ ଏବଂ ସମ୍ମାନାସ୍ପଦ ଅଟେ।




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ,ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବ୍ୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ୍ୟ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ, ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ୍ୟ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା







ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତୃଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶୃତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୁରୀ, ଡକ୍ଟର ଅମ୍ରିତ୍ ପଟ୍ଟଯୋଶୀ,ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଳାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।

## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୂର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

## ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା
# ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟାଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ । ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୁର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ୍ୟ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ୱା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ୍ୟ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧ ୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦର୍ଷା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଈରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

## ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ
# ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଳୁତୁମା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଠ ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

# ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି,ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ,ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିତ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ । ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

# ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଟପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଟପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋଡିଶ୍ରମିକମାନଙ୍କର ତ୍ରାଣକର୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଟପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ଋତୁପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

# ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭ ୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ୍ତ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬ ୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ୱା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେର୍ଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

# ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସମ୍ପର୍ଣ୍ଣ

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୁର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କତି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଲ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା,ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




# ଧର୍ମ ପରିବର୍ତ୍ତନ ନା ହୃଦୟ ପରିବର୍ତ୍ତନ !

ନିକଟରେ ରାଜଧାନୀ ଦିଲ୍ଲୀର ଆମ୍ବେଦକର ଭବନଠାରେ ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ସମସ୍ତେ ଏକ ସ୍ୱରରେ କହୁଥିଲେ କୃଷ୍ଣ ଭଗବାନ କିଏ? ରାମଙ୍କୁ ଆମେ କାହିଁକି ମାନିବୁ? ଶିବ ଗଞ୍ଜୋଡ଼ ଇତ୍ୟାଦି। ମନ ଭିତରେ ସେମାନଙ୍କର ଭୀଷଣ କ୍ଷୋଭ ଓ ବିରକ୍ତିକର ଭାବନା ବାରି ହୋଇପଡୁଥିଲା। ଗତ ମାସର ପ୍ରଥମ ସପ୍ତାହରେ ଘଟିଥିବା ଏହି ମତାନ୍ତରଣ ଆମ ସମସ୍ତଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଚିନ୍ତା କରିବାକୁ ବାଧ୍ୟ କରିବ। ଆୟୋଜକମାନେ ଦାବି କରନ୍ତି ଯେ, ଆମ ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଇଚ୍ଛା ଅନୁସାରେ କୌଣସି ଧର୍ମ ଗ୍ରହଣ କରିବା ପାଇଁ ସ୍ୱାଧୀନତା ଦେଇଆସିଛି। ଏହି କାର୍ଯ୍ୟକ୍ରମରେ ଦଶହଜାର (ଦଳିତ) ଜନଜାତିବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କରି ବୌଦ୍ଧଧର୍ମ ଗ୍ରହଣ କଲେ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏକସଙ୍ଗରେ ଦଶ ହଜାର ବ୍ୟକ୍ତିଙ୍କୁ କିପରି ହିନ୍ଦୁଧର୍ମ ଅସହ୍ୟବୋଧ ହେଲା, ବୌଦ୍ଧମତ ପ୍ରତି ଆସ୍ଥା ଘନୀଭୂତ ହେଲା? କାର୍ଯ୍ୟକ୍ରମଟିରେ ମନ୍ତ୍ରୀ ରାଜେନ୍ଦ୍ର ପାଲ ଗୌତମଙ୍କର ସକ୍ରିୟତା ବିବାଦାସ୍ପଦ ମନେହୁଏ। ସମାରୋହରେ ବାବାସାହେବ ଆମ୍ବେଦକରଙ୍କ ନାତି ରାଜରତ୍ନ ଆମ୍ବେଦକର ଉପସ୍ଥିତ ଥିଲେ। ସେ ଲୋକମାନଙ୍କୁ ହିନ୍ଦୁ ଦେବଦେବୀଙ୍କୁ ନ ମାନିବା, ପୂଜାପାଠ ନ କରିବା ଆଦି ପ୍ରତିଜ୍ଞା କରାଉଥିଲେ। ତାଙ୍କ ବକ୍ତବ୍ୟରେ ଭାରତୀୟ ସମାଜ ବ୍ୟବସ୍ଥା ପ୍ରତି ଆକ୍ରମଣାତ୍ମକ ମନୋଭାବ ଭରିରହିଥିଲା।

ବାବାସାହେବ ବୌଦ୍ଧ ଭିକ୍ଷୁ ନଥିଲେ ବରଂ ଜଣେ ରାଜନୈତିକ ବ୍ୟକ୍ତି ଥିଲେ। ସେ ୧୯୩୫ ମସିହାରେ ହିନ୍ଦୁଧର୍ମ ତ୍ୟାଗ କରିବାକୁ ଘୋଷଣା କରଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୯୫୬ ମସିହାରେ ବୌଦ୍ଧଧର୍ମ ଗ୍ରହଣ କଲେ। ପ୍ରଶ୍ନ ଉଠେ ସେ ଦୀର୍ଘ ୨୦ ବର୍ଷ କାହିଁକି ଅପେକ୍ଷା କଲେ? ତାଙ୍କର ନିଷ୍ପତ୍ତି ଭୁଲ ଥିଲା କି? ବାବାସାହେବ ବୌଦ୍ଧଧର୍ମ ଗ୍ରହଣ କରିବା ପଛର ବଡ଼ କାରଣ ଥିଲା ହିନ୍ଦୁଧର୍ମରେ ଥିବା ପଛୁଆ (ଦଳିତ) ବର୍ଗଙ୍କୁ ସମାନ ଅଧିକାର ଦେବା। ବାବାସାହେବଙ୍କ ଉଦ୍ଦେଶ୍ୟ ମହାନ ଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ତତ୍କାଳୀନ ସମାଜରେ ପଡ଼ିପାରି ନଥିଲା। ବାବା ସାହେବଙ୍କ ପରେ ବହୁ ପଛୁଆ ଦଳିତ ବର୍ଗର ବ୍ୟକ୍ତି ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ସବର୍ଣ୍ଣ ଅସବର୍ଣ୍ଣ ଭେଦଭାବରେ କୌଣସି ପରିବର୍ତ୍ତନ ଆସି ନଥିଲା। ଦୀର୍ଘ ୭୦ବର୍ଷ ପରେ ଏବେ ଯଦି ହିନ୍ଦୁ ସମାଜକୁ ଦେଖିବା, ତେବେ ଆଜି ଅନେକ କ୍ଷେତ୍ରରେ ଦଳିତଙ୍କର ସାମାଜିକ ଉତ୍‌ଥାନ ହୋଇଛି। ସେମାନେ ସବର୍ଣ୍ଣଙ୍କ ସହିତ ସମାନ କିମ୍ବା କେତେକ ସ୍ଥାନରେ ସେମାନଙ୍କଠାରୁ ଅଧିକ ଭଲ ସ୍ଥିତିରେ ଅଛନ୍ତି।

ବାସ୍ତବରେ ଏପରି କ'ଣ ଆବଶ୍ୟକ ପଡ଼ିଲା ଅଥଚ ଦଶ ହଜାର ପଛୁଆ ବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କଲେ? ଆୟୋଜକମାନଙ୍କ କାର୍ଯ୍ୟକଳାପକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହେଉଛି। ବାବା ସାହେବଙ୍କର ଉଦ୍ଦେଶ୍ୟ ଥିଲା ସମାଜକୁ ଯୋଡ଼ିବା, ପଛୁଆ ବର୍ଗଙ୍କୁ ସମାନ ଅଧିକାର ପ୍ରଦାନ କରବା। କିନ୍ତୁ ସମ୍ପ୍ରତି ଏହି କାର୍ଯ୍ୟକ୍ରମରୁ ଜଣାପଡୁଛି ଏଠାରେ ସମାଜକୁ ଯୋଡ଼ିବା ବଦଳରେ ବିଭାଜନ କରିବାର ଭାବନା ବେଶି। କୌଣସି ବ୍ୟକ୍ତି ଜୈନ, ବୌଦ୍ଧ ଓ ଶିଖ ମତ ଗ୍ରହଣ କଲେ ତାଙ୍କୁ ଧର୍ମ ପରିବର୍ତ୍ତନ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ୱୀକାର କରେନାହିଁ। ସେମାନଙ୍କ ଉପରେ କୌଣସି ଆପତ୍ତି ଉଠାଏ ନାହିଁ। କାରଣ ବୌଦ୍ଧମତ ହିନ୍ଦୁଧର୍ମର ଏକ ଉପାଙ୍ଗ ରୂପେ ରହିଆସିଛି। ବର୍ତ୍ତମାନ କେନ୍ଦ୍ରରେ ବିଜେପି ସରକାରଙ୍କୁ ଶାସନରୁ ହଟାଇବା ପାଇଁ ହିନ୍ଦୁଧର୍ମରୁ ଜନଜାତି ପଛୁଆବର୍ଗଙ୍କୁ ଅଲଗା କରିବା ତଥା ମୁସଲମାନଙ୍କୁ ଅଗ୍ରାଧିକାର ଦେବା ଭିତ୍ତିରେ କେଜ୍ରିୱାଲ ସରକାର ଯୋଜନା ପ୍ରସ୍ତୁତ କରୁଛି। ଓଡ଼ିଶାର ଧର୍ମାନ୍ତରୀକରଣ ମଧ୍ୟ ଏକ ସ୍ପର୍ଶକାତର ବିଷୟ। ରାଜ୍ୟ ସରକାର ଏ ପ୍ରସଙ୍ଗରେ ଜାଣିଶୁଣି ଯେପରି ଆଖିବୁଜି ଦେଇଛନ୍ତି ତାହା ଆଗାମୀ ଦିନରେ ଓଡ଼ିଶାର ସଂସ୍କୃତି ତଥା ସମାଜ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ମୁଖ୍ୟମନ୍ତ୍ରୀ ନିକଟରେ ୟୁରୋପ ଗସ୍ତରେ ଯାଇ ପୋପ୍‌ଙ୍କୁ ଯେପରି ସାକ୍ଷାତ କଲେ ତାହା ଓଡ଼ିଶାକୁ ୟୁରୋପୀକରଣ କରିବାର ପ୍ରାକ୍ ପ୍ରସ୍ତୁତି ବୋଲି ବୁଝିବାକୁ ହେବ। ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ରଖି ଯେତେବେଳେ କାର୍ଯ୍ୟ କରାଯାଏ ସେତେବେଳେ ଧାର୍ମିକ ଆସ୍ଥା କେବଳ ଏକ ବାହାନା ହୋଇଥାଏ। ଦିଲ୍ଲୀର ଆମ୍ବେଦକର ଭବନରେ ଧର୍ମାନ୍ତରୀକରଣ ସମାରୋହ କରାଇଥିବା ବ୍ୟକ୍ତି ରାଜେନ୍ଦ୍ର ପାଲ 'ବୁଦ୍ଧିଷ୍ଟ ସୋସାଇଟ ଅଫ ଇଣ୍ଡିଆ' ଜୟଭୀମ ମିଶନର ରାଷ୍ଟ୍ରୀୟ ସଂରକ୍ଷକ। ଏହି ଜୟଭୀମ ମିଶନ ଓଡ଼ିଶାର ପୁରପଲ୍ଲୀରେ ଥିବା ଜନଜାତି ଅଞ୍ଚଳରେ ମଧ୍ୟ ତା'ର କାର୍ଯ୍ୟ ଆରମ୍ଭ କରିଦେଇଛି। ଓଡ଼ିଶାବାସୀ ସତର୍କ ରହିବା ଆବଶ୍ୟକ। ଧର୍ମ ପରିବର୍ତ୍ତନ ହୃଦୟ ପରିବର୍ତ୍ତନର ବିଷୟ। ରାଜନୈତିକ ଉଦ୍ଦେଶ୍ୟ ରଖି କାହାର ହୃଦୟକୁ ପରିବର୍ତ୍ତନ କରାଯାଇପାରେ ନାହିଁ। ଦେଶ ଦୁନିଆ ପାଇଁ ଏହା ଚିନ୍ତାର କାରଣ।

—ଚିତ୍ତରଞ୍ଜନ ମହାପାତ୍ର
ଶିମୂଳୀପାଟଣା, ଚନ୍ଦକା, ମୋ- ୯୪୩୯୫୬୧୮୫୪

## ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ଏକ ସାଧାରଣ ବୈଠକ ଭୁବନେଶ୍ୱରସ୍ଥିତ ସଂଘ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ଧନଞ୍ଜୟ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମହାସଂଘର ଦାବିଗୁଡ଼ିକ ମାନ୍ୟବର ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କୁ ପ୍ରଦାନ କରାଯାଇଥିବାର ବିଷୟ ସମ୍ପାଦକ ଶ୍ରୀଯୁକ୍ତ ବାବାଜୀ ଚରଣ ବାରିକ ଉପସ୍ଥିତ ସଭ୍ୟ/ସଭ୍ୟାଙ୍କୁ ସୂଚନା ଦେଇଥିଲେ। ସେତେବେଳର ସରକାରୀ ଦଳର ମୁଖ୍ୟ ସଚେତକ ଶ୍ରୀମତ ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଆଗତ ପ୍ରସ୍ତାବ ବିଧାନସଭାରେ ଗୃହୀତ ହୋଇଥିଲା। ବର୍ତ୍ତମାନ ବିଧାନସଭାର ଶିକ୍ଷା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀଯୁକ୍ତ ଭୂପିନ୍ଦର ସିଂହ ମଧ୍ୟ ଗୃହରେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେଣୁ ସରକାରଙ୍କ ଉଦ୍ଦେଶ୍ୟରେ କୌଣସି ବିରୋଧାତ୍ମକ କାର୍ଯ୍ୟ ନ କରି ପୂର୍ଣ୍ଣ ଭରସା ରଖି ତୁରନ୍ତ ବୟସ ଅତିକ୍ରାନ୍ତ ହୋଇଥିବା ସମସ୍ତ ପୁରୁଣା ସି.ଟି./ବି.ଏଡ୍. ଭାଇଭଉଣୀମାନଙ୍କୁ ସ୍ୱତନ୍ତ୍ର ପ୍ୟାକେଜ୍‌ରେ ନିଯୁକ୍ତି କରାଯିବାକୁ ସଂଘ ତରଫରୁ ସରକାରଙ୍କ ନିକଟରେ ଦାବି ରଖାଗଲା। ସମସ୍ତ ଅଧିକାରୀଙ୍କ ନିକଟକୁ ସଂଘର ଦାବିପତ୍ରକୁ ତୁରନ୍ତ ପହ ଇବାକୁ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ଉକ୍ତ ବୈଠକରେ ସଂଘର ଉପ-ସଭାପତି ମୀନକେତନ ମିଶ୍ର, ସହ-ସମ୍ପାଦକ ବିନୟ କୁମାର ମହାପାତ୍ର, କୋଷାଧ୍ୟକ୍ଷ ମନଜା ମଞ୍ଜରୀ ସାହୁ, କଲ୍ୟାଣୀ ସାହୁ, ସୁକାନ୍ତି ନନ୍ଦ, ଗଙ୍ଗାଧର ସାହୁ, ପ୍ରଦୀପ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ରାଉତ, ବଂଶୀଧର ପାଣି, ଦର୍ଶନ କୁମାର ବିନ୍ଧାଣି, ନାରାୟଣ ଚନ୍ଦ୍ର ବାରିକ, ବିଷ୍ଣୁଚରଣ ଦାଶ, ବିଜୟ ନାୟକ, ସୁଦାମ ଚରଣ ଦାସ, ଜ୍ଞାନରଞ୍ଜନ ପଣ୍ଡା, ଚିତ୍ତରଞ୍ଜନ ବଳିଆରସିଂହ, ବ୍ରହ୍ମାନନ୍ଦ ପଣ୍ଡା, ପ୍ରଫୁଲ୍ଲ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ବେହେରା, ଗଗନ ଚନ୍ଦ୍ର ମିଶ୍ର, ଦିବାକର ପ୍ରଧାନ, ବିଦ୍ୟାଧର ସାହୁ, ଓ ଜଗନ୍ନାଥ ସାହୁ ପ୍ରମୁଖ ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଉନ୍ନୁରୁମ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗ ପରିସରରେ କଳା, ସାହିତ୍ୟ ଓ ସଂସ୍କୃତିର ମହାର୍ଘ୍ୟ ପର୍ବ ଉନ୍ନୁରୁମ ଆନ୍ତର୍ଜାତିକ ଉତ୍ସବ ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଓ ୟଙ୍ଗହାର୍ଟ ମିଳିତ ସହଯୋଗରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁଳପତି ସନ୍ତୋଶ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ସ୍ତରର ଅତିଥି ମାନେ ଯୋଗ ଦେଇଥିବା ବେଳେ ପଦ୍ମଶ୍ରୀ ଇଲିଆନ ସିତାରିଷ୍ଟ, ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, କୁଙ୍କୁମିନା ଦାସ, ଅଭିନେତା ଅଶ୍ରୁମୋଚନ ମହାନ୍ତି, ଶୈଳେନ୍ଦ୍ର ମହାନ୍ତି ଏବଂ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଷ୍ଟଲରେ ନିଜସ୍ୱ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ବିକ୍ରି ଏବଂ ବିଭିନ୍ନ ପ୍ରକାରର ଓଡ଼ିଆ ଘରର ପରମ୍ପରା ଅନୁସାରେ ଖାଦ୍ୟ, ପ୍ରଦର୍ଶନୀ ଏବଂ ବିକ୍ରି କରାଯାଇଥିଲା। ଶେଷରେ ଆମ ପରମ୍ପରାର ସଭାପତି ଶ୍ରୀଯୁକ୍ତ ବିକର୍ତ୍ତନ ନାୟକ ଜଗନ୍ନାଥଙ୍କ ଭଜନ ଗାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକୃତି କୋଳରେ ସ୍ନାନର ଅନୁଭବ : ଫରେଷ୍ଟ ବାଥିଂ

ବର୍ତ୍ତମାନର ସମୟକୁ ଦେଖିଲେ ଅନେକ ବ୍ୟସ୍ତବହୁଳ ଜୀବନ ଭିତରେ ଶରୀରର ସୁସ୍ଥତାକୁ ଗୁରୁତ୍ୱ ଦେଇନଥାନ୍ତି କିନ୍ତୁ ପରବର୍ତ୍ତୀ ଯନ୍ତ୍ରଣାସିକ୍ତ ସମୟରେ ସେମାନଙ୍କୁ ଏହା ଅନୁଭବୀ କରିଥାଏ ଯେ ବାସ୍ତବରେ ସ୍ୱାସ୍ଥ୍ୟ ହିଁ ସମ୍ପଦ। ଆବହମାନ ସମୟରୁ ଆମ୍ଭେମାନେ ପ୍ରକୃତି ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ। ମାଟି, ପାଣି ଓ ପବନରେ ଗଢ଼ା ଆମ ଏହି ସ୍ଥୂଳ ଶରୀର ଏବଂ ପ୍ରତିଟି ମଣିଷର ଶରୀର ତତ୍ତ୍ୱରେ ଏହି ତିନୋଟି ଉପାଦାନର ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ ଉପଲବ୍ଧି ରହିଛି। ବର୍ତ୍ତମାନର ବସ୍ତୁସର୍ବସ୍ୱ ଓ ବୃତ୍ତିଗତ କ୍ଷେତ୍ରକୁ ନେଇ ଧାଁ ଧଉଡ ଜୀବନ ଭିତରେ ସମସ୍ତେ ଅନେକ ସମୟରେ କ୍ଳାନ୍ତ ବା ଶରୀରର ଅବସନ୍ନକୁ ଅନୁଭବ କରନ୍ତି। ସେମାନେ କିଛି ବିଶ୍ରାମ ଚାହିଁଥାନ୍ତି କିନ୍ତୁ ସେମାନଙ୍କ ବିଶ୍ରାମ ପରୋକ୍ଷ ଭାବେ ସେମାନଙ୍କର କାର୍ଯ୍ୟ ବ୍ୟସ୍ତତା ଭିତରେ ବାଧା ପହଞ୍ଚାଇଥାଏ। କିନ୍ତୁ ବାସ୍ତବ କଥା ହେଉଛି ଶରୀର ରକ୍ଷା ହିଁ ଜୀବନ ଧର୍ମ ସାଧନ କରିବା କଥା ଯାହାକି ଅନେକ ସମୟରେ ଆମେ ଜାଣି ମଧ୍ୟ ଏହାକୁ କାର୍ଯ୍ୟରେ ପରିଣତ କରିନଥାଉ। ସୁସ୍ଥ ରହିବା ପାଇଁ ମଣିଷ ଯୋଗ, ବ୍ୟାୟାମ ଠାରୁ ସୁଷମ ତଥା ସନ୍ତୁଳିତ ଖାଦ୍ୟ ଖାଇବା ଯାଏ କ'ଣ ନକରେ। କିଛି ଲୋକ ଶରୀରକୁ ସତେଜ ରଖିବା ପାଇଁ କେତେବେଳେ ଷ୍ଟିମ ବାଥ, ମଡ଼ ବାଥ ଭଳି ପଦ୍ଧତି ଆପଣେଇଥାଆନ୍ତି। କିନ୍ତୁ ଫରେଷ୍ଟ ବାଥ। ମାନେ ଝରଣାରେ ଗାଧୋଇ ପଡ଼ିଲେ ତାହା ଜଙ୍ଗଲ ସ୍ନାନ ସହିତ ସମାନ ହୋଇଯିବ। କିନ୍ତୁ ଏହି ଧାରଣା ବି ଠିକ ନୁହେଁ। ଜଙ୍ଗଲ ସ୍ନାନ ହେଉଛି ଏକ ନିର୍ଦ୍ଦିଷ୍ଟ ପଦ୍ଧତି। ଜୀବନକୁ ଚାପମୁକ୍ତ, ସ୍ୱାସ୍ଥ୍ୟକର ତଥା ସୁଖଦ କରିବା ପାଇଁ ଜାପାନିମାନେ ପ୍ରଥମେ ଜଙ୍ଗଲ ସ୍ନାନ ପଦ୍ଧତି ଆରମ୍ଭ କରିଥିଲେ। ଏଥିରେ ଅତ୍ୟଧିକ ୱାର୍କଆଉଟ କରିବାକୁ ପଡ଼ିବ ନାହିଁ, ଜିମ୍ ଯିବାକୁ ହେବ ନାହିଁ। ତଥାପି ଜୀବନକୁ ସହଜ ଓ ସୁନ୍ଦର କରାଯାଇପାରିବ। ଜଙ୍ଗଲ ସ୍ନାନ କହିଲେ ଘଞ୍ଚ ଜଙ୍ଗଲର ଗାଢ଼ ସବୁଜିମା ମଧ୍ୟରେ କିଛି ଘଣ୍ଟା ଶାନ୍ତିରେ ଚଲାବୁଲା କରିବା।

ଅନେକ ହୁଏତ ଜାଣିନଥାନ୍ତି ସାରା ବିଶ୍ୱରେ ପ୍ରଥମ ଥର ପାଇଁ ଜାପାନି ବିଶେଷଜ୍ଞମାନେ ଫରେଷ୍ଟ ବାଥିଂ ବା ଜଙ୍ଗଲ ସ୍ନାନର ଧାରଣା ସୃଷ୍ଟି କରିଥିଲେ। ଜାପାନର ସୀମା ଅତିକ୍ରମ କରି ଏବେ ଏହି ପଦ୍ଧତି ଅନ୍ୟାନ୍ୟ ଦେଶକୁ ପ୍ରସରି ଗଲାଣି। ଜଙ୍ଗଲ ସ୍ନାନ ଟ୍ରେକିଂ ବା ହାଇକିଂ ସହିତ ସମାନ ନୁହେଁ। ଜାପାନରେ ଏହି ପଦ୍ଧତିକୁ ଶିନ୍ରିନ ୟୋକୁ କୁହାଯାଏ। ଜାପାନି ବିଶେଷଜ୍ଞମାନଙ୍କ ଅନୁସାରେ ଜଙ୍ଗଲ ମଧ୍ୟର ହାଲୁକା ଚଲାବୁଲା କରିବା ଦ୍ୱାରା ଥକ୍କାପଣ, ଅବସାଦଜନିତ ଦୁର୍ବଳତା ଆଦି ଦୂରେଇଥାଏ। ତେବେ ଜଙ୍ଗଲ ସ୍ନାନ ସମୟରେ ଗପିବା, ମୋବାଇଲ ଦେଖିବା ଆଦିରୁ ବିରତ ରହିବାକୁ ପଡ଼ିବ। ଜଙ୍ଗଲ ଭିତରର ପରିବେଶ ବିଶୁଦ୍ଧ। ସେହି ପରିବେଶରେ କିଛି ସମୟ ଚଲାବୁଲା କଲେ ଶରୀର ମଧ୍ୟକୁ ଶୁଦ୍ଧ ଅମ୍ଳଜାନ ଯାଇଥାଏ। ମନ ଭିତରୁ ନକାରାତ୍ମକ ଭାବନା ଆପେ ଆପେ ଦୂରେଇ ଯାଇଥାଏ। ଜଙ୍ଗଲ ସ୍ନାନକୁ ନେଇ ଏହା ମଧ୍ୟରେ ବେଶ କେତୋଟି ଅଧ୍ୟୟନ ହୋଇସାରିଛି। ପ୍ରାୟ ସବୁ ଅଧ୍ୟୟନରେ ସମାନ ନିର୍ଯ୍ୟାସ ଦେଖିବାକୁ ମିଳିଛି ଯେ ଏହି ପଦ୍ଧତି ଆପଣେଇଥିବା ଲୋକଙ୍କ ମଧ୍ୟରେ ରକ୍ତଚାପ, ହୃଦଘାତ, ମଧୁମେହ, ମାନସିକ ଚାପ ଭଳି ସମସ୍ୟା ଅନେକାଂଶରେ କମିଯାଇଛି। ଉପରୋକ୍ତ ଫରେଷ୍ଟ ବାଥିଂ ନିଶ୍ଚିନ୍ତ ଭାବେ ଶରୀରକୁ ଉପଷମ ଦେବ। ପ୍ରକୃତି କୋଳରେ କିଛି ମୁହୂର୍ତ୍ତ ବିତାଇ ବିଶୁଦ୍ଧ ଅମ୍ଳଜାନ ଶରୀର ଭିତରକୁ ନେବା ସହ ଶାନ୍ତି, ସ୍ନିଗ୍ଧ ଅମୃତମୟ ପରିବେଶ ଆମ୍ଭ ମାନଙ୍କ ସ୍ୱାସ୍ଥ୍ୟ ଜୀବନଚର୍ଯ୍ୟାକୁ ଏକ ଦିବ୍ୟ ଆନନ୍ଦରେ ପରିଣତ କରିପାରିବ। ଏ କ୍ଷେତ୍ରରେ ଆମ୍ଭମାନଙ୍କର ମାନସିକତା ସର୍ବାଦୌ ପ୍ରାଥମିକତା। କାରଣ ଆମେ ଇଚ୍ଛା ନକଲେ ଏ ଆନନ୍ଦ ପାଇ ପାରିବା ନାହିଁ ଯାହାପାଖରେ ଅର୍ଥ, ପ୍ରତିପତ୍ତି, କ୍ଷମତା, ବାହୁବଳ କିଛି ହିଁ ନୁହେଁ। ସ୍ୱାସ୍ଥ୍ୟ ଯେ ଶ୍ରେଷ୍ଠ ସମ୍ପଦ ଏବଂ ନିରୋଳା ଶାନ୍ତ ପରିବେଶ ଭିତରେ ଆମ୍ଭେମାନେ କିପରି ଯେ ଅଶାନ୍ତମୟ ଜୀବନକୁ ଅତିବାହିତ କରୁଛେ ତାର ବଡ଼ ପ୍ରମାଣ ଏହି ଫରେଷ୍ଟ ବାଥିଂ ହିଁ ଦେଇଥାଏ। ଜୀବନରେ କେବେ ସୁଯୋଗ ପାଇଲେ ଏପରି ଦିବ୍ୟ ଆନନ୍ଦକୁ ହାତଛଡ଼ା କରନ୍ତୁନାହିଁ।

## ଜିଲ୍ଲାସ୍ତରୀୟ "ସମ୍ବିଧାନ ଦିବସ" ପାଳନ ଅବସରରେ ମୁଖବନ୍ଧ ପାଠ ଅନୁଷ୍ଠିତ

ବାଲେଶ୍ୱର (ପିଏନ୍)- ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୯ ମସିହା ନଭେମ୍ବର ମାସ ୨୬ ତାରିଖରେ ଭାରତବର୍ଷ ନିଜକୁ ଦେଇଥିଲା ଏହାର ସମ୍ବିଧାନ। ଭାରତ ସମ୍ବିଧାନର ପିତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣୟନ ସଭାରେ ଗୃହୀତ ହେବା ପରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଆମ ସମ୍ବିଧାନ ଅଙ୍ଗୀକୃତ, ଅଧିନିୟମିତ ତଥା ଆତ୍ମାର୍ପିତ ହୋଇଥିଲା। ଏହି ନଭେମ୍ବର ୨୬ ତାରିଖ ଦିନଟିକୁ ଭାରତବର୍ଷର ସମ୍ବିଧାନ ଦିବସ ରୂପେ ପାଳନ କରାଯାଇଆସୁଅଛି। ଆମ ରାଜ୍ୟରେ ଏହା ବିଭିନ୍ନ ସରକାରୀ ତଥା ବେସରକାରୀ ସ୍ତରରେ ଭିନ୍ନ ଭିନ୍ନ ଅନୁଷ୍ଠାନର ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି। ଆମ ସମ୍ବିଧାନର ପ୍ରାରମ୍ଭରେ ଏହାର ମୁଖବନ୍ଧ ସ୍ଥାନିତ ହୋଇଅଛି ଯାହାକୁ ସମ୍ବିଧାନର ଆତ୍ମା କୁହାଯାଇଥାଏ। ସମ୍ବିଧାନ ଦିବସ ପାଳନର ଏକ ମୁଖ୍ୟ ଅଂଶ ହେଉଛି ସମସ୍ତ ନାଗରିକଙ୍କ ଦ୍ୱାରା ମୁଖବନ୍ଧ ପାଠ। ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ତଥା କର୍ମଚାରୀଙ୍କୁ ନେଇ ଏହି ମୁଖବନ୍ଧ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ କର୍ମଚାରୀ ଓ ଅନ୍ୟମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ଶ୍ରୀ ସିତାଂଶୁ ଦାସ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଆଶୀଷ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଯୁବକ ମାଝୀ, ଅବକାରୀ ଅଧିକ୍ଷକ ଓ ଅନ୍ୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ରହି ମୁଖବନ୍ଧ ପାଠରେ ସହଯୋଗ କରିଥିଲେ। ପ୍ରକାଶ ଥାଉକି ପ୍ରଥମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ ଏବଂ ତତ୍ ପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ।

## ଗାନ୍ଧୀଙ୍କ ପ୍ରାସଙ୍ଗିକତା ସର୍ବଦା ରହିଛି



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ଶହୀଦନଗର କାର୍ଯ୍ୟାଳୟଠାରେ ସାମାଜିକ ବୌଦ୍ଧିକ ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଚିନ୍ତାଧାରାକୁ ନେଇ ଗଠିତ ଅନୁଷ୍ଠାନ "ହର ଦିଲମେଁ ଗାନ୍ଧୀ"ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଙ୍କ ଆଦର୍ଶ, ଚିନ୍ତାଧାରାକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହ ଇବା ତଥା ବିଭିନ୍ନ ସାମାଜିକ ସଂଗଠନମାନଙ୍କୁ ଏକତ୍ର କରି ଗାନ୍ଧୀଙ୍କ ଚିନ୍ତାଧାରା, କାର୍ଯ୍ୟ, ମୂଲ୍ୟବୋଧ ତଥା ଦେଶପ୍ରେମର ଅର୍ଘ୍ୟ ସମାଜରେ ପରିବ୍ୟାପ୍ତ କରିବା ଲକ୍ଷ୍ୟକୁ ନେଇ ଉକ୍ତ ବୈଠକ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର ଆବାହକ, ବିଶିଷ୍ଟ ସମାଜସେବୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ଗାନ୍ଧିବାଦୀ ବିଜୟ ତ୍ରିପାଠୀ, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ନାରାୟଣ ସେବା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସୀତାଂଶୁ ଶେଖର ମହାରଣା, ସଂଗ୍ରାମୀ ଦାୟାଦ ରାଜକୁମାର ଜେନା ଯୋଗଦେଇ ଗାନ୍ଧୀଙ୍କ ନୀତି, ଆଦର୍ଶ ଯୁଗେଯୁଗେ ରହିଛି ଓ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସମାଜସେବୀ ଶରତ ଚନ୍ଦ୍ର ପ୍ରଧାନ।

### ନୀଳଗିରି ଅ ଳରୁ ବ୍ରାଉନସୁଗାର ଜବତ

ବାଲେଶ୍ୱର (ପିଏନ୍)-ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ ଅ ଳରୁ ବ୍ରାଉନ ସୁଗାର ଜବତ କରାଯାଇଛି। ବାଲେଶ୍ୱର ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ଼ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୨୪୨ ଗ୍ରାମ ଧଳା ଜହର ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଜଣଙ୍କ ହେଲେ ସନ୍ତରାଗଡ଼ିଆ ନିକଟ ଯୁକ ଗାଡ଼ିଆ ଅ ଳର ପର୍ଶୁରାମ ପାଣିଗ୍ରାହୀ। ଏବେ କିଛିଦିନ ହେଲା ପର୍ଶୁରାମ ଗାଁରେ ବ୍ରାଉନସୁଗାର କାରବାର ଚଳାଇ ଆସୁଥିଲା। ତେବେ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୫ ହଜାର ଟଙ୍କା ନଗଦ ଜବତ ସହ ୨୪ ଲକ୍ଷ ୨୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ କରାଯାଇଛି।

## ଇଫକୋ ପକ୍ଷରୁ ଗୋମଙ୍ଗଳ ସମିତିକୁ ଗୋଖାଦ୍ୟ ପ୍ରଦାନ



ପାରାଦୀପ (ପିଏନ୍)-କେନ୍ଦ୍ରାପଡାରେ ଥିବା ଶ୍ରୀଶ୍ରୀ ସିଦ୍ଧବଳଦେବ ଜିଉ ଗୋମଙ୍ଗଳ ସମିତିକୁ ପାରାଦୀପ ଇଫକୋ ପକ୍ଷରୁ ଗୋଖାଦ୍ୟ ପ୍ରଦାନ କରାଯାଇଛି। ଏହି ଗୋମଙ୍ଗଳ ସମିତିରେ ୬୦ରୁ ଊର୍ଦ୍ଧ୍ୱ ଗାଇଗୋରୁ ରହୁଥିବା ବେଳେ ଆର୍ଥିକ ସଂକଟ ଯୋଗୁଁ ସେମାନଙ୍କୁ ସଠିକ ଭାବେ ଗୋଖାଦ୍ୟ ଯୋଗାଯାଇପାରୁ ନଥିବାରୁ ସମିତି ପକ୍ଷରୁ ଇଫକୋ ପାରାଦୀପ ୟୁନିଟର ନିର୍ଦ୍ଦେଶକ କେ.ଜେ. ପଟେଲଙ୍କୁ ସହଯୋଗ ନିମନ୍ତେ ଅନୁରୋଧ କରାଯାଇଥିଲା। ଏହି ମର୍ମରେ ଇଫକୋ କର୍ତ୍ତୃପକ୍ଷ ତୁରନ୍ତ ଦୁଇ ଟନରୁ ଊର୍ଦ୍ଧ୍ୱ ଗୋଖାଦ୍ୟ ସାମଗ୍ରୀ ଏହି ଗୋମଙ୍ଗଳ ସମିତିକୁ ପ୍ରଦାନ କରିଥିଲେ। ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରଶନ୍ନ କୁମାର ବେଉରାଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ପହଁଚି ସମିତିର ସଭାପତି ଫକିର ଚରଣ ଖଟୁଆ, ସମ୍ପାଦକ ସୁଶିଲ କୁମାର ସାମଲ ଏବଂ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ପ୍ରଦାନ କରିଥିଲେ। ସୂଚନା ଥାଉକି, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲା ସମେତ ଓଡିଶାର ବିଭିନ୍ନ ସ୍ଥାନରେ ଇଫକୋ ପକ୍ଷରୁ ଏଭଳି ଜନମଙ୍ଗଳକାରୀ କାର୍ଯ୍ୟ ଜାରୀ ରହିଛି ବୋଲି ଶ୍ରୀ ବେଉରା କହିଛନ୍ତି।

## ଏଟିଏମରେ ଟଙ୍କା ଭର୍ତ୍ତି କରିବାକୁ ନେଇ, ସେହି ଟଙ୍କାକୁ ଚୋରି କରିନେଲେ କର୍ମଚାରୀ

କଣ୍ଟାବାଞ୍ଜି: କାହା ଉପରେ କରିବ ଭରସା। ଯାହା ଉପରେ ଦାୟିତ୍ୱ ସେ ସାଜୁଛି ଚୋର। ଏବେ ଯେମିତି ଦେଖୁନାହାନ୍ତି, ଇଞ୍ଜଗରେ ଟଙ୍କା ଭରିବା ବ୍ୟାଙ୍କ କର୍ମଚାରୀଙ୍କ ଦାୟିତ୍ୱ। ହେଲେ ଯଦି ସେହି କର୍ମଚାରୀ ଚୋର ସାଜିବେ ତାହାଲେ କାହା ଉପରେ ଭରସା କରାଯିବ। ଆଗରୁ ତ ଚୋର ମାନେ ଏଟିଏମ ଭାଙ୍ଗି ଲୁଟ୍ କରୁଥିଲେ। ହେଲେ ଏବେ କର୍ମଚାରୀମାନେ ଟଙ୍କା ଭର୍ତ୍ତି କରିବାକୁ ଯାଇ ନିଜେ ସେହି ଟଙ୍କା ଲୁଟ୍ କରିନେଉଛନ୍ତି। ହଁ ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି କଣ୍ଟାବାଞ୍ଜି ଅଞ୍ଚଳରେ। ଉକ୍ତ ଅଞ୍ଚଳରେ ଥିବା ଏକ ଏସବିଆଇ ଏଟିଏମରେ ଟଙ୍କା ଭର୍ତ୍ତି କରିବାକୁ ନେଇଥିଲେ କର୍ମଚାରୀ।

## ପାରାଦୀପ ବନ୍ଦର ଏସସି/ଏସଟି ଆସୋସିଏସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ



ପାରାଦୀପ (ପିଏନ୍)- ପାରାଦୀପ ବନ୍ଦର ଏସସି/ଏସଟି ୱେଲଫେୟାର ଆସୋସିଏସନ ପକ୍ଷରୁ ପାରାଦୀପସ୍ଥିତ ଡଃ. ବି.ଆର. ଆମ୍ବେଦକର ପାର୍କ ପରିସରରେ ୧୬୬ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆସୋସିଏସନ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବାସାହେବ ଭାରତରତ୍ନ ଡଃ. ବି.ଆର. ଆମ୍ବେଦରଙ୍କ ପ୍ରତିମୂର୍ତ୍ତିରେ ସାଧାରଣ ସମ୍ପାଦକ ଧ୍ରୁବଚନ୍ଦ୍ର ତରାଇ, ସହସମ୍ପାଦକ ଅଜୟ କୁମାର ବେହେରା, ବନ୍ଦରର ପୂର୍ବତନ ଟ୍ରଷ୍ଟି ପରେଶ ମୁର୍ମୁ, ବର୍ତମାନର ଟ୍ରଷ୍ଟି ସୁନିଲକାନ୍ତ ଦାସ, ଲିତାରାମ ହାଇବ୍ରୁ, ବିପ୍ଳବ କୁମାର ଜେନା, ମହେଶ୍ୱର ସୋରେନଙ୍କ ସମେତ ଅନ୍ୟ ବହୁ ସଦସ୍ୟମାନେ ମାଲ୍ୟାର୍ପଣ କରି ସମ୍ବିଧାନ ଦିବସ ପାଳନ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
your gateway to complete education
PRE-NURSERY, NURSERY, L.KG., U.KG., Std-1 to Std-VIII
Email : maharishipublicschool@yahoo.com
Web : www.maharishipublicschool.com

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ଖେଳ ପର୍ଯ୍ୟବେକ୍ଷକ

Bhubaneswar Tuesday April 22 ଭୁବନେଶ୍ୱର ମଙ୍ଗଳବାର, ୨୨, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## କିଟ୍‌ରେ ପଢୁଥିବା କିସ୍‌ର ୧ଶହ ଛାତ୍ରଛାତ୍ରୀ ପାଇଲେ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ

ଭୁବନେଶ୍ୱର,(ପି.ଏନ) : କିଟ୍‌ରେ ପଢୁଥିବା କିସ୍‌ର ୧ଶହ ଛାତ୍ରଛାତ୍ରୀ ଇତି ମଧ୍ୟରେ ବିଭିନ୍ନ କମ୍ପାନୀରେ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ପାଇଛନ୍ତି । କିଟ୍‌ରେ ଆଇଟିଆଇ, ପଲିଟେକ୍‌ନିକ୍, ବିଟେକ୍, ରୁରାଲ ମ୍ୟାନେଜମେଣ୍ଟ ଆଦି ପାଠ୍ୟକ୍ରମରେ ପାଠ ପଢୁଥିବା କିସ୍‌ର ଏହି ଛାତ୍ରଛାତ୍ରୀମାନେ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ପାଇବାରେ ସଫଳ ହୋଇଛନ୍ତି । ଏହି ପିଲାଙ୍କ ମଧ୍ୟରୁ କିସ୍‌ର ଶକୁନ୍ତଳା ସୋରେନ୍ ଜିଇ ହେଲ୍‌ଥକେୟାର କମ୍ପାନୀରେ ସର୍ବାଧିକ ୯.୫ ଲକ୍ଷ ଟଙ୍କା ବାର୍ଷିକ ପ୍ୟାକେଜରେ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ପାଇଛନ୍ତି । ଏଥିରେ କିସ୍ ଛାତ୍ରଛାତ୍ରୀମାନେ ସର୍ବନିମ୍ନ ୪ଲକ୍ଷ ଟଙ୍କା ପ୍ୟାକେଜରେ ନିଯୁକ୍ତି ପତ୍ର ପାଇଛନ୍ତି । ଏହି ଛାତ୍ରଛାତ୍ରୀଙ୍କ ବ୍ୟତୀତ କିସ୍‌ର ଆଉ କିଛି ଛାତ୍ରଛାତ୍ରୀ ମଧ୍ୟ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସୂଚନାଯୋଗ୍ୟ, ପ୍ରତିବର୍ଷ କିସ୍‌ର ପ୍ରାୟ ୨ଶହ ମେଧାବୀ ଛାତ୍ରଛାତ୍ରୀ କିଟ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ପାଠ୍ୟକ୍ରମରେ



ବିନାଦେୟରେ ବୈଷୟିକ ଉଚ୍ଚ ଶିକ୍ଷା ଲାଭ କରିବାର ସୁଯୋଗ ପାଇଥାନ୍ତି । କିସ୍‌ର ସେହି ମେଧାବୀ ପିଲାମାନେ କିପରି ଭଲ ପାଠ ପଢ଼ି ଯୋଗ୍ୟତା ଅର୍ଜନ କରି ବିଭିନ୍ନ ଜାତୀୟ ଓ ବହୁଜାତିକ କମ୍ପାନୀରେ ନିଯୁକ୍ତି ପାଇବେ ସେଥିପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିସ୍ କର୍ତ୍ତୃପକ୍ଷଙ୍କ ଜରିଆରେ ବ୍ୟାପକ ବନ୍ଦୋବସ୍ତ କରିଥାନ୍ତି । ଫଳରେ କିସ୍‌ର ଏହି ପିଲାମାନେ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ କ୍ଷେତ୍ରରେ ମଧ୍ୟ ସଫଳତା ହାସଲ କରିଥାନ୍ତି । ଏହି ସଫଳ ଛାତ୍ରଛାତ୍ରୀମାନେ ଆଜି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ତାଙ୍କଠାରୁ ଆଶୀର୍ବାଦ ନେଇଥିଲେ । ଏହି ଅବସରରେ ଶ୍ରୀ ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଶ୍ରୀ ସାମନ୍ତ କହିଲେ, ଏହି ଛାତ୍ରଛାତ୍ରୀମାନେ ସେମାନଙ୍କ ପରିବାରର ପ୍ରଥମ ଶିକ୍ଷାର୍ଥୀ ହୋଇଥିବା ବେଳେ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇପାରିଛନ୍ତି । କିସ୍‌ରେ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ସହ ନିଯୁକ୍ତି ମିଳୁଥିବାରୁ ସେମାନଙ୍କ ମଧ୍ୟରେ ନିରକ୍ଷରତା ହ୍ରାସ ପାଇବା ସହ ନିଯୁକ୍ତି ଦେବା ଦିଗରେ କିସ୍‌ର ଯେଉଁ ଲକ୍ଷ୍ୟ ରହିଛି ତାହା ପୂରଣ ହୋଇଛି । ସୂଚନାଯୋଗ୍ୟ, ସାମଗ୍ରିକ ଓ ଗୁଣାତ୍ମକ ଶିକ୍ଷା ପରେ କିସ୍ ଛାତ୍ରଛାତ୍ରୀଙ୍କ ହାତରେ ନିଯୁକ୍ତି ଦେଇ ଜଣେ ଗରିବ ଜନଜାତି ପିଲା ସମ୍ପୂର୍ଣ୍ଣ ସମାଧାନ କରୁଥିବାରୁ ଜନଜାତିଙ୍କ ମଧ୍ୟରେ କିସ୍ ବେଶ ଲୋକପ୍ରିୟ ହୋଇପାରିଛି । ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଓ ଅତିରିକ୍ତ କୁଳସଚିବ ପ୍ରମୋଦ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ପାରାଦୀପ ବନ୍ଦର ଗୋପବନ୍ଧୁ ଷ୍ଟାଡିୟମରେ ଫ୍ଲଡ ଲାଇଟ ବ୍ୟବସ୍ତର ଶୁଭ ଉଦଘାଟନ

ପାରାଦୀପ,(ପି.ଏନ): ପ୍ରାୟ ୧ କୋଟି ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପାରାଦୀପ ବନ୍ଦର ପକ୍ଷରୁ ଗୋପବନ୍ଧୁ ଷ୍ଟାଡିୟମରେ ଗତ ଶୁକ୍ରବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି ନୂତନ ଫ୍ଲଡ ଲାଇଟ ବ୍ୟବସ୍ଥା । ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଏହି ଅବସରରେ ବନ୍ଦରର ବିଭିନ୍ନ ବିଭାଗୀୟ ମୁଖ୍ୟ ତଥା ଉଚ୍ଚ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ଆଲୋକୀକରଣ ବ୍ୟବସ୍ଥା ଅନ୍ତର୍ଗତ ୬ ଗୋଟି ୩୧ଷ୍ଟ ମିଟର ଉଚ୍ଚା ଆଲୋକ ଖୁମ୍ବ ବ୍ୟବସ୍ଥା କରାଯାଇଛି । ଏହି ଏଲଇଡି ହାଇମାକ୍ସ ଲାଇଟ ଯୋଗୁଁ ବନ୍ଦରର କ୍ରୀଡା ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ର ବାତାବରଣ ଖେଳିଯାଇଛି ।



ଏହା ଦ୍ୱାରା ଷ୍ଟାଡିଅମରେ ଆଗକୁ ସାନ୍ଧ୍ୟ କ୍ରୀଡା କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବ । ଫଳରେ ସ୍ଥାନୀୟ ଖେଳାଳି ମାନେ ଅନେକ ଉପକୃତ ହୋଇପାରିବେ ବୋଲି ବନ୍ଦର ଅଧକ୍ଷ ଶ୍ରୀ ହରନାଦ କହିଛନ୍ତି ।

## ମା' ତାରିଣୀଙ୍କ ତୃତୀୟ ଜନ୍ମ ବାର୍ଷିକୀ

ଭୁବନେଶ୍ୱର,(ପି.ଏନ): ମା'ତାରିଣୀ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ୩ ନମ୍ବର ୟୁନିଟ୍‌ସ୍ଥିତ ଖାରବେଳ ନଗର ଅଞ୍ଚଳରେ ମା' ତାରିଣୀଙ୍କ ତୃତୀୟ ଜନ୍ମବାର୍ଷିକୀ ଉତ୍ସବ ମହାସମାରୋହରେ ପାଳିତ ହୋଇଥିଲା । ଏହି ଉତ୍ସବରେ ମନ୍ଦିରର ପୂଜକ ସନାତନ ନାୟକ ଓ ବସନ୍ତ ରଥ କେକ୍ କାଟି ମା'ଙ୍କ ଜନ୍ମବାର୍ଷିକର ଶୁଭେଚ୍ଛା ଓ ଅଭିନନ୍ଦନ ବାର୍ତ୍ତା ଭକ୍ତମାନଙ୍କୁ ଜଣାଇଥିଲେ । ଟ୍ରଷ୍ଟର ସଭାପତି ବିଦ୍ୟାଧର ମିଶ୍ର ଓ ସାଧାରଣ ସମ୍ପାଦକ ଦିଲ୍ଲୀପ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ





ଉତ୍ସବରେ ଟ୍ରଷ୍ଟର କୋଷାଧ୍ୟକ୍ଷ ସିଲା ଇଶ୍ୱର ମୂର୍ତ୍ତି, ପୂର୍ଣ୍ଣଚନ୍ଦ୍ର ବରାଳ ଓ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସଦସ୍ୟ ଅକ୍ଷୟ କୁମାର ମହାନ୍ତି, ଭୁବନ ମୋହନ ରଥ, ଦେବାଶିଷ ଘୋଷ, ବିଶ୍ୱରଞ୍ଜନ ମହାନ୍ତି, ସୁଚିସ୍ମିତା ରାଉତ, ଏସ୍. ଜୟଲକ୍ଷ୍ମୀ, ଉଷାମଣି ବରାଳ, କୁମୁଦିନୀ ନାୟକ, ବୀଣାପାଣି ମହାନ୍ତି, ସ୍ୱର୍ଣ୍ଣଲତା ମହାନ୍ତି, ଲକ୍ଷ୍ମଣ ରେଡ୍ଡୀ ଓ ଦିପ୍‌ସା ସୁବୁଦ୍ଧି ପ୍ରମୁଖ ସହାୟତା କରିଥିଲେ ।

## ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ସ୍ଥାୟୀ ବିଶୁଦ୍ଧ ପାନୀୟ ଜଳ କିଓସ୍କ ଉଦଘାଟନ କରିଛି

ଦାନଗଦି, (ପି ଏନ୍):ସମାଜ କଲ୍ୟାଣ ଏବଂ ସ୍ଥାୟୀତ୍ୱ ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରି, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଏପ୍ରିଲ ୧୯, ୨୦୨୫ରେ ଏହାର ଯାଜପୁର ପ୍ଲାଣ୍ଟର ମୁଖ୍ୟ ଫାଟକ ବାହାରେ ଏକ ସ୍ଥାୟୀ ବିଶୁଦ୍ଧ ପାନୀୟ ଜଳ କିଓସ୍କ ଉଦଘାଟନ କରିଛି । ଏହି କିଓସ୍କ, ଯାହା ରେଫ୍ରିଜରେସନ ପ୍ରଯୁକ୍ତିବିଦ୍ୟା ସହିତ ଏକ ଉନ୍ନତ ଜଳ ଏବଂ ଟଠ ପ୍ୟୁରିଫିକେସନ୍ ସିଷ୍ଟମରେ ସଜ୍ଜିତ, ସାଧାରଣ ଲୋକ ତଥା ପଥଚାରୀମାନଙ୍କୁ, ବିଶେଷକରି ପ୍ରଚଣ୍ଡ ଗ୍ରୀଷ୍ମ ମାସରେ, ସ୍ୱଚ୍ଛ ଏବଂ ଥଣ୍ଡା ପାନୀୟ ଜଳ ଯୋଗାଇବା ପାଇଁ ଲକ୍ଷ୍ୟ ରଖିଛି । ପାରମ୍ପରିକ ଭାବରେ, ଜିନ୍ଦଲ ଷ୍ଟେନଲେସ୍ ପ୍ରତି ବର୍ଷ ଗ୍ରୀଷ୍ମ ଋତୁରେ , ସମାଜ ପାଇଁ ସ୍ୱଚ୍ଛ ଏବଂ ଶୁଦ୍ଧ ପାନୀୟ ଜଳର ସୁବିଧାର ଆବଶ୍ୟକତାକୁ ପୂରଣ କରିବା ଏବଂ ଏକ ମହାନ ସେବା ପ୍ରଦାନ କରିବା ପାଇଁ ଅସ୍ଥାୟୀ ଜଳଛତ୍ର କେନ୍ଦ୍ର ସ୍ଥାପନ କରିଆସୁଛି । କିନ୍ତୁ , ଚଳିତ ବର୍ଷ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ, କମ୍ପାନୀ ବର୍ଷସାରା ନିରାପଦ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଏହି ସ୍ଥାୟୀ ବିଶୁଦ୍ଧ ପାନୀୟ ଜଳ କିଓସ୍କ ସ୍ଥାପନ କରିଛି । ୟୁନିଟ୍ ମୁଖ୍ୟ, ଶ୍ରୀ ଦୀପକ ଅଗ୍ରୱାଲ ଏବଂ ମାନବ ସମ୍ବଳ ଏବଂ ଆଇଆର ମୁଖ୍ୟ, ଶ୍ରୀ ରାକେଶ ପାଠକଙ୍କ ଉପସ୍ଥିତିରେ ବାହ୍ୟ ସମ୍ପର୍କ ମୁଖ୍ୟ ଶ୍ରୀ ନୀଳମାଧବ ରଥ ଏହି କିଓସ୍କକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । କମ୍ପାନୀ ଏହି ଜନ ଉପଯୋଗୀ ପଦକ୍ଷେପର



ପ୍ରସାରକୁ ଆହୁରି ବିସ୍ତାର କରି ବ୍ୟାସନଗର ଅଞ୍ଚଳରେ ଅତିରିକ୍ତ କିଓସ୍କ ସ୍ଥାପନ କରିବାର ଯୋଜନା ମଧ୍ୟ ଘୋଷଣା କରିଛି ।

## ଭୁବନେଶ୍ୱର ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆ ଅଡିଟୋରିୟମ୍‌ରେ ସୁନ୍ଦର ଓ ଭବ୍ୟ ସମ୍ବର୍ଦ୍ଧନାରେ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ "ଭାରତ ସଂସ୍କୃତି ଯାତ୍ରା" ଉଦ୍‌ଘାଟିତ

ଭୁବନେଶ୍ୱର,(ପି.ଏନ): କୋଲକତାର ହିନ୍ଦୁସ୍ତାନ ଆର୍ଟ ଆଣ୍ଡ ମ୍ୟୁଜିକ୍ ? ସୋସାଇଟି ଏବଂ ଭୁବନେଶ୍ୱରର ତ୍ରିଧାରା ଅନୁଷ୍ଠାନ ଦ୍ୱାରା ଆୟୋଜିତ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ 'ଭାରତ ସଂସ୍କୃତି ଯାତ୍ରା' ଏକ ସୁନ୍ଦର ଓ ଭବ୍ୟ ସମ୍ବର୍ଦ୍ଧନାରେ ଭୁବନେଶ୍ୱରର ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆ ଅଡିଟୋରିୟମ୍‌ରେସ ଉଦ୍ଘାକଟିତ ହୋଇଯାଇଛି । ଏହି ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଆସନ୍ତା କାଲି ମଧ ସଂଧ୍ୟା ୬.୩୦ ଘଟିକାରେ ଅନୁଷ୍ଠିତ ହେବ । ଏହି ଉତ୍ସବ ଆୟୋଜନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନୃତ୍ୟ ଏବଂ ସଙ୍ଗୀତରେ ଭାରତୀୟ ଶାସ୍ତ୍ରୀୟ ପରମ୍ପରା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ତାକୁ ଦେଶ ଓ ଦେଶ ବାହାରେ ପ୍ରଚାର ଓ ପ୍ରସାର କରିବା । ଏହି ଉତ୍ସବଟିକୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ଉପସ୍ଥିତି ଯୋଜନା ଅଧୀନରେ ସମର୍ଥନ କରାଯାଇଛି ଏବଂ ଓଡିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଉପସ୍ଥାପନ କରାଯାଉଅଛି । ଉଦ୍ଘାଉଟନୀ ସଂଧ୍ୟାର



ଅତିଥିମାନେ ଥିଲେ ଭୁବନେଶ୍ୱରର ପୂର୍ବତନ ସାଂସଦ ଡକ୍ଟର (ପ୍ରଫେସର) ପ୍ରସନ୍ନ କୁମାର ପାଟଶାଣୀ; ଗୃହ ମନ୍ତ୍ରଣାଳୟର ପୂର୍ବତନ ସ୍ୱତନ୍ତ୍ର ସଚ୍ଚିବ ଏବଂ ଆର୍ଥିକ ପରାମର୍ଶଦାତା ସୁରେଶ ଚନ୍ଦ୍ର ପଣ୍ଡା; ରୋଏଲ କଲେଜ ଅଫ ସାଇନ୍ସ ଏଣ୍ଡ ଟେକ୍ନୋଲଜିର ବିଷ୍ଣୁ ଚରଣ ମହାନ୍ତି; ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ଗୁରୁ ଡକ୍ଟର ବିଜୟ କୁମାର ଜେନା; ଓଡିଆ ସିନେମା ସମିକ୍ଷକ ଦିଲୀପ ହାଲି; ହିନ୍ଦୁସ୍ତାନ ଆର୍ଟ ଆଣ୍ଡ ମ୍ୟୁଜିକ୍ ? ସୋସାଇଟିର ସଚ୍ଚିବ ପ୍ରଶ୍ନଜିତ୍ ? ପୋଦ୍ଦାର ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଡକ୍ଟର ଗଜେନ୍ଦ୍ର କୁମାର ପଣ୍ଡା ।ସନ୍ଧ୍ୟାର ପ୍ରଥମ ଉପସ୍ଥାପନା ଥିଲା ଗୁରୁ ଦୁର୍ଗାଚରଣ ରଣବୀରଙ୍କ ଦ୍ୱାରା ପ୍ରତିଷ୍ଠିତ ନୃତ୍ୟାୟନ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ଓଡିଶୀ ନୃତ୍ୟ । ସେମାନଙ୍କ ପ୍ରସ୍ତୁତିରେ ଥିଲା ଦେବୀସ୍ତୁତି ବିଘ୍ନ ଗିରି ବାସିନୀ ପରେ ପରେ ଗୁରୁ (ଡକ୍ଟର) ବିଜୟ କୁମାର ଜେନାଙ୍କ ଦ୍ୱାରା ଓଡିଶୀ କଣ୍ଠ ସଙ୍ଗୀତ ପରିବେଷଣ କରାଯାଇଥିଲା । ସେ ପ୍ରଥମ ପର୍ଯ୍ୟାୟରେ ରାଗାଙ୍ଗ ଯାହା ରାଗ ବିହାଗ ଓ ତାଳ ଯତି ଉପରେ ନିବନ୍ଧ ପ୍ରବନ୍ଧ ପ୍ରାଣ ଧନ ପ୍ରାଣ ରଖ ଧରୁଛି ତ ପାଣି କି ରେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ କବି ଜୟଦେବଙ୍କ ରଚ୍ଚିତ ଗୀତଗୋବିନ୍ଦରୁ ଉଦ୍ଧୃତ ଧୀର ସମିରେ ଜମୁନା ତୀରେ ଗାୟନ କରିଥିଲେ । ତାଙ୍କୁ ମର୍ଦ୍ଦଳରେ ଗୁରୁ ସଚ୍ଚିଦାନନ୍ଦ ଦାସ, ବଂଶୀରେ ଗୁରୁ ଜବାହାର ମିଶ୍ର, ହାରମୋନିୟମ୍‌ରୋ ବାଳକୃଷ୍ଣ ଜେନା ଓ ତାନପୁରାରେ ଚ୍ଚନ୍ଦ୍ର ଶେଖର ବିଶ୍ୱାଳ ସହଯୋଗ କରିଥିଲେ । ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଶରଦ୍ ବାଦନ ଯାହାକୁ ପରିବେଷଣ କରିଥିଲେ ଅର୍ଣ୍ଣବ ଭଟ୍ଟାଚାର୍ଯ୍ୟ ପରେ ପରେ ପରିବେଷିତ ହୋଇଥିଲା ଗୁରୁ (ଡକ୍ଟର) ଗଜେନ୍ଦ୍ର କୁମାର ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ତ୍ରିଧାରା ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟାଭିନୟ ଜୟରାମ । ଶେଷରେ ଗୁରୁ ଚିତ୍ରଶେନ୍ ସ୍ୱାଇଁଙ୍କ ଦ୍ୱାରା ପ୍ରତିଷ୍ଠିତ ଆରାଧନା ଡ୍ୟାନ୍ସ ଏକାଡେମୀର ଶିଳ୍ପୀମାନଙ୍କ ଦ୍ୱାରା ଗୋଟିପୁଅ ନୃତ୍ୟ ପରିବେଷିତ ହୋଇଥିଲା । ହିନ୍ଦୁସ୍ତାନ ଆର୍ଟ ଆଣ୍ଡ ମ୍ୟୁଜିକ୍ ସୋସାଇଟିର ସଚ୍ଚିବ ପ୍ରଶ୍ନଜିତ୍ ପୋଦ୍ଦାର ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଡକ୍ଟର ଗଜେନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଏହି ଉତ୍ସବଟିର ପରିକଳ୍ପନା ଓ ଉପସ୍ଥାପନା କରାଯାଇଥିଲା । କାର୍ଯ୍ୟକ୍ରମକୁ ସଂଚ୍ଚାଳନା କରିଥିଲେ ଶୋମା ମହାପାତ୍ର ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray